ଆଜି - ଶୁକ୍ରବାର
ତାରିଖ - ୨୦ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୦୬
ତିଥି - ଦ୍ୱିତୀୟା, ପକ୍ଷ-ଶୁକ୍ଳ
ନକ୍ଷତ୍ର - ରେବତୀ, ମୀନ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୫୫: ୦୦
ସୂର୍ଯ୍ୟାସ୍ତ - ୫ : ୫୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ପ୍ରେମ ହେଉଛି ଏକମାତ୍ର ବାସ୍ତବତା ଏବଂ ଏହା କେବଳ ଭାବପ୍ରବଣତା ନୁହେଁ । ପ୍ରତ୍ୟେକ ସୃଷ୍ଟିର ମୂଳରେ ଏଇ ନିରାଟ ସତ୍ୟଟି ହିଁ ନିହିତ ଥାଏ ।"
- ରବୀନ୍ଦ୍ରନାଥ ଠାକୁର

E-News : www.theajikali.com

Vol.- 40 ISSUE- 335 R.N.I. REGD. No. 44026/86 ବାଲେଶ୍ୱର ୨୦ ମାର୍ଚ୍ଚ ୨୦୨୬ ଶୁକ୍ରବାର BALASORE 20 MARCH 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ଅଯୋଧ୍ୟାର ରାମମନ୍ଦିରରେ 'ଶ୍ରୀରାମ ଯନ୍ତ୍ର' ସ୍ଥାପନ କଲେ ରାଷ୍ଟ୍ରପତି



ଉତରପ୍ରଦେଶ : ଦୀର୍ଘ ୫୦୦ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି । ଅଯୋଧ୍ୟା ରାମ ମନ୍ଦିରର ଦ୍ୱିତୀୟ ମହଲାରେ ପବିତ୍ର 'ଶ୍ରୀରାମ ଯନ୍ତ୍ର' ସ୍ଥାପନ ସହ ମନ୍ଦିର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି । ଶାରଦୀୟ ନବରାତ୍ରିର ପ୍ରଥମ ଦିନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଯୋଧ୍ୟା ଗସ୍ତ କରି ପ୍ରଭୁ ରାମଲାଲାଙ୍କ ଦର୍ଶନ କରିବା ସହ ଏହି ସ୍ୱତନ୍ତ୍ର ସ୍ଥାପନା ଉତ୍ସବରେ ସାମିଲ ହୋଇଛନ୍ତି । ରାଷ୍ଟ୍ରପତି ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ମହର୍ଷି ବାଲ୍ମୀକି ଆନ୍ତର୍ଜାତୀୟ ବିମାନବନ୍ଦରରେ ପହଂଚିବା ପରେ ଉତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ ସ୍ୱାଗତ କରିଥିଲେ । ବୈଦିକ ଆଚାର୍ଯ୍ୟଙ୍କ ମନ୍ତ୍ରୋଚାର ମଧ୍ୟରେ ରାଷ୍ଟ୍ରପତି ମନ୍ଦିରର ଦ୍ୱିତୀୟ ମହଲାରେ ଶ୍ରୀରାମ ଯନ୍ତ୍ରର ପୂଜାର୍ଚ୍ଚନା କରି ସ୍ଥାପନ କରିଥିଲେ । ଏହି ଅବସରରେ ରାମ ମନ୍ଦିର ଟ୍ରଷ୍ଟର କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି ମହାରାଜ କହିଛନ୍ତି ଯେ, 'ଏହି ସ୍ଥାପନା ସହ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ଏବେ ପରିପୂର୍ଣ୍ଣ ହୋଇଛି । କାର୍ଯ୍ୟକ୍ରମରେ ୧୯୮୪ ମସିହାରୁ ରାମ ମନ୍ଦିର ଆନ୍ଦୋଳନ ସହ ଜଡ଼ିତ ବହୁ ବିଶିଷ୍ଟ ବ୍ୟକ୍ତି ଓ କାର୍ଯ୍ୟକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଛି । ଶାସ୍ତ୍ର ଅନୁସାରେ, ଯେପରି 'ଶ୍ରୀ ଯନ୍ତ୍ର'କୁ ଦେବୀ ଲକ୍ଷ୍ମୀଙ୍କ ପ୍ରତୀକ କୁହାଯାଏ, ସେହିପରି 'ଶ୍ରୀରାମ ଯନ୍ତ୍ର' ଭଗବାନ ବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଙ୍କ ବିଜୟ ଏବଂ ମର୍ଯ୍ୟାଦାର ପ୍ରତୀକ । ଏହା କେବଳ ଏକ ଧାତୁ ନୁହେଁ, ବରଂ ବ୍ରହ୍ମାଣ୍ଡ ଶକ୍ତିର ଏକ ଗାଣିତିକ ଏବଂ ଆଧ୍ୟାତ୍ମିକ ସ୍ୱରୂପ । ଏହାକୁ ତାମିଲନାଡୁର କାଂଚିପୁରମ୍ ମଠରେ ପ୍ରସ୍ତୁତ କରାଯାଇଛି । ଏହି ଯନ୍ତ୍ରର ଓଜନ ପ୍ରାୟ ୧୫୦ କିଲୋଗ୍ରାମ ଏବଂ ଏହା ଉପରେ ସୁନାର ପରସ୍ତ ଚଢ଼ାଯାଇଛି । କାଂଚିପୁରମରୁ ତିରୁପତି ହୋଇ ଏକ ଭବ୍ୟ ରଥଯାତ୍ରା ମାଧ୍ୟମରେ ୧୦ ଦିନ ପୂର୍ବରୁ ଏହାକୁ ଅଯୋଧ୍ୟା ଅଣାଯାଇଥିଲା ।

## ନବରାତ୍ରୀ ଅବସରରେ
## ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଚୈତ୍ର ନବରାତ୍ରି ଆରମ୍ଭ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କାମନା କରିଛନ୍ତି ଯେ ଶକ୍ତିସ୍ୱରୂପା ମା ଦୁର୍ଗାଙ୍କ ଅସୀମ କୃପାରେ ସମସ୍ତଙ୍କର ମଙ୍ଗଳ ହେଉ ଏବଂ ବିକଶିତ ଭାରତ ପାଇଁ ଆମର ସଂକଳ୍ପକୁ ନୂତନ ଶକ୍ତି ମିଳୁ । ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ଲେଖିଛନ୍ତି, 'ଦେଶର ସମସ୍ତ ପରିବାରଜନଙ୍କୁ ନବରାତ୍ରିର ହାର୍ଦ୍ଦିକ ଶୁଭେଚ୍ଛା । ଶକ୍ତିର ଆରାଧନାର ଏହି ଦିବ୍ୟ ଅବସର ଆପଣମାନଙ୍କ ପାଇଁ ସୁଖ, ସୌଭାଗ୍ୟ, ସମୃଦ୍ଧି ଏବଂ ଉତମ ସ୍ୱାସ୍ଥ୍ୟ ଆଣୁ । ମା ଦୁର୍ଗାଙ୍କ ଅସୀମ କୃପାରେ ସମସ୍ତଙ୍କ ମଙ୍ଗଳ ହେଉ, ଯାହା ଆମ ବିକଶିତ ଭାରତର ସଂକଳ୍ପକୁ ନୂତନ ଶକ୍ତି ଦେବ । ଜୟ ଅମ୍ବେ ଜଗଦମ୍ବେ ମା ।' ସେ ଅନ୍ୟ ଏକ ପୋଷ୍ଟରେ ସଂସ୍କୃତ ସୁଭାଷିତ ସେୟାର କରି କହିଛନ୍ତି, 'ନବରାତ୍ରିର ପ୍ରଥମ ଦିନ ମା ଦୁର୍ଗାଙ୍କ ପ୍ରଥମ ରୂପ ଦେବୀ ଶୈଳପୁତ୍ରୀଙ୍କ ପୂଜାର ବିଧାନ ଅଛି । ତାଙ୍କ ଆଶୀର୍ବାଦରେ ପ୍ରତ୍ୟେକଙ୍କ ଜୀବନରେ ସଂଯମ, ଶାନ୍ତି ଏବଂ ସକାରାତ୍ମକ ଶକ୍ତିର ସଂଚାର ହେଉ, ଏହା ମୋର କାମନା ।'ସେ ଲେଖିଛନ୍ତି, 'ବନ୍ଦେ ବାଞ୍ଛିତଲାଭାୟ ଚନ୍ଦ୍ରାର୍ଧକୃତଶେଖରାମ୍ । ବୃଷାରୂଢାଂ ଶୂଳଧରାଂ ଶୈଳପୁତ୍ରୀଂ ଯଶସ୍ୱିନୀମ୍ ।' ଏହାର ଅର୍ଥ, 'ଯେଉଁ ଦେବୀ ଭକ୍ତମାନଙ୍କ ସମସ୍ତ ଇଚ୍ଛା ପୂରଣ କରନ୍ତି, ଯାହାଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭିତ, ଯେଉଁମାନେ ବୃଷଭ ଉପରେ ଆସୀନ ଓ ହାତରେ ତ୍ରିଶୂଳ ଧାରଣ କରିଛନ୍ତି, ସେହି ଯଶସ୍ୱିନୀ ଦେବୀ ଶୈଳପୁତ୍ରୀଙ୍କୁ ମୁଁ ନମନ କରୁଛି ।' ପ୍ରଧାନମନ୍ତ୍ରୀ ମୋଦୀ ଏକ ଭଜନ ମଧ୍ୟ ସେୟାର କରି କହିଛନ୍ତି, 'ଜଗତଜନନୀ ମା ଦୁର୍ଗାଙ୍କ ପାଦପଦ୍ମରେ କୋଟି କୋଟି ଦେଶବାସୀଙ୍କ ପକ୍ଷରୁ ମୋର ନମନ ଓ ବନ୍ଦନ । ନବରାତ୍ରିର ପାବନ ପର୍ବରେ ମାଙ୍କୁ ପ୍ରାର୍ଥନା ଯେ ସେ ସମସ୍ତଙ୍କୁ ନିଜ ସ୍ନେହ ଓ କୃପାର ଆଶୀର୍ବାଦ ଦିଅନ୍ତୁ । ଜୟ ମାତା ଦି ।'ଏହି ସମୟରେ ପ୍ରଧାନମନ୍ତ୍ରୀ ନବ ସମ୍ବତ୍ସର ଅବସରରେ ମଧ୍ୟ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଲେଖିଛନ୍ତି, 'ଦେଶବାସୀଙ୍କୁ ନବ ସମ୍ବତ୍ସରର ଅନନ୍ତ ଶୁଭେଚ୍ଛା । ମୋର କାମନା ଯେ ଏହି ନୂତନ ବର୍ଷ ଆପଣମାନଙ୍କ ଜୀବନରେ ସାହସ, ଆତ୍ମବିଶ୍ୱାସ ଓ ସେବାଭାବକୁ ଆହୁରି ଶକ୍ତିଶାଳୀ କରୁ, ଯାହା ରାଷ୍ଟ୍ର ନିର୍ମାଣର ପ୍ରୟାସକୁ ନୂତନ ଶକ୍ତି ଦେବ ।'ସେ ଗୁଡ଼ି ପଡ଼ୱା ଅବସରରେ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଲେଖିଛନ୍ତି, 'ଗୁଡ଼ି ପଡ଼ୱାର ପାବନ ଅବସରରେ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଏହି ସୁନ୍ଦର ପର୍ବ ନୂତନ ବର୍ଷର ଆଗମନର ପ୍ରତୀକ, ଯାହା ନୂତନ ଶକ୍ତି, ଆଶା ଓ ନୂତନ ସୁଯୋଗର ବାର୍ତ୍ତା ନେଇ ଆସେ । ଆସନ୍ତା ବର୍ଷ ଆପଣମାନଙ୍କ ପାଇଁ ସୁଖ, ସଫଳତା ଓ ଉତମ ସ୍ୱାସ୍ଥ୍ୟରେ ପୂର୍ଣ୍ଣ ହେଉ ଏବଂ ସମସ୍ତଙ୍କୁ ଦୃଢ଼ ସଂକଳ୍ପ ସହ ଆଗକୁ ବଢ଼ିବାର ପ୍ରେରଣା ଦେଉ ।

## ଅଳ୍ପରେ ଖବର

▸ ନୂଆ ସମ୍ବତ୍ସରର ଶୁଭକାମନା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ନବ ସମ୍ବତ୍ସର ବିକ୍ରମ ସମ୍ବତ ୨୦୮୩ର ପବିତ୍ର ଅବସରରେ ସମସ୍ତ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା ।

▸ ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ଡ ହରିବାବୁ କମ୍ଭମପତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

▸ ରାଷ୍ଟ୍ରୀୟ ନବବର୍ଷର ଶୁଭ କାମନା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଚୈତ୍ର ଶୁକ୍ଳ ପ୍ରତିପଦା ତଥା ରାଷ୍ଟ୍ରୀୟ ନବବର୍ଷର ଶୁଭ ଅବସରରେ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

▸ ପବିତ୍ର ଚୈତ୍ର ନବରାତ୍ରିର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## 'ପଖାଳ ଦିବସ' କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ







ଭୁବନେଶ୍ୱର: ଓଡ଼ିଶାର ସମୃଦ୍ଧ ରୋଷେଇ ଶୈଳୀ ଓ ପରମ୍ପରାକୁ ସମ୍ମାନ ଜଣାଇ ଆଜି ଭୁବନେଶ୍ୱର ସ୍ଥିତ ପାନ୍ଥନିବାସଠାରେ ଦୁଇ ଦିନିଆ 'ପଖାଳ ପର୍ବ' ଉଦଘାଟିତ ହୋଇଯାଇଛି । ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏହି ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବେ । ଉଦଘାଟନୀ ଅଧିବେଶନରେ ପଦ୍ମଶ୍ରୀ ଡକ୍ଟର ଅଶୋକ କୁମାର ମହାପାତ୍ର, ପଖାଳର ଔଷଧୀୟ ଗୁଣ ସମ୍ପର୍କରେ ଆଲୋକପାତ କରିବା ସହିତ ଜଗନ୍ନାଥ ସଂସ୍କୃତିରେ ଏହାର ଅନନ୍ୟ ମହତ୍ୱକୁ ସେ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ । ପ୍ରଫେସର ଡକ୍ଟର ସିତିକଣ୍ଠ ମିଶ୍ର ଏବଂ ସନ୍ଦୀପ ମୁଖାର୍ଜୀ ପ୍ରମୁଖ ସ୍ଥାୟୀ ଖାଦ୍ୟର ଦର୍ଶନ, ଧାନର ବିବିଧତା ଏବଂ ଆଧୁନିକ ହୋଟେଲ ଶିଳ୍ପରେ ପାରମ୍ପରିକ ଖାଦ୍ୟର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଦୁଇଟି ବିଷୟଭିତିକ ଆଲୋଚନା ଚକ୍ର, ଯେଉଁଥିରେ ଓଡ଼ିଆ ରୋଷେଇର ସାଂସ୍କୃତିକ ମୂଳ ଏବଂ ଭବିଷ୍ୟତର ସମ୍ଭାବନା ଉପରେ ଆଲୋକପାତ କରାଯାଇଥିଲା । ପ୍ରଥମ ଆଲୋଚନା ଚକ୍ର 'ମନ୍ଦିର ରୋଷେଇ ଶାଳରୁ ଘରୋଇ ଚୁଲି ପର୍ଯ୍ୟନ୍ତ: ଓଡ଼ିଆ ରୋଷେଇର ସାଂସ୍କୃତିକ ମୂଳ' ଶୀର୍ଷକ ବିଷୟରେ ଡକ୍ଟର ସୁଧାଂଶୁ ଶେଖର ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ବିଶ୍ୱନାଥ ସାମନ୍ତରାୟ ଏବଂ ବି. ପି. ତ୍ରିପାଠୀ ଯୋଗଦେଇ ଓଡ଼ିଆ ଖାଦ୍ୟ ପରମ୍ପରାର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଐତିହାସିକ ସମ୍ପର୍କ ବିଷୟରେ ମତ ରଖିଥିଲେ । ଦ୍ୱିତୀୟ ଆଲୋଚନା ଚକ୍ର 'ସ୍ଥାନୀୟ ପରମ୍ପରାରୁ ବିଶ୍ୱସ୍ତରୀୟ ବ୍ରାଣ୍ଡ: ଓଡ଼ିଆ ରୋଷେଇ ପାଇଁ ମାର୍କେଟିଂ ରଣନୀତି'ରେ ପ୍ରଫେସର ତପନ କୁମାର ପଣ୍ଡା, ପ୍ରଫେସର ପ୍ରୀତି ରଞ୍ଜନ ସାହୁ, ରିତୁ ପଟ୍ଟନାୟକ ଏବଂ ଶେଫ୍ ଅବିନାଶ ନାୟକ ଅଂଶଗ୍ରହଣ କରିଥିଲେ । ଏଥିରେ ଓଡ଼ିଆ ଖାଦ୍ୟକୁ ଅନ୍ତର୍ଜାତୀୟ ସ୍ତରକୁ ନେବା ପାଇଁ ବ୍ରାଣ୍ଡିଂ ଏବଂ ଅଭିନବ ମାର୍କେଟିଂ ପଦ୍ଧତି ଉପରେ ଆଲୋଚନା ହୋଇଥିଲା । ଏହି ସମ୍ମିଳନୀରେ ସୁଦର୍ଶନ ସାହୁ, ଡକ୍ଟର ଜି. ଏ. କୁମାର (ନିର୍ଦ୍ଦେଶକ, ଉଜଜଓ), କୁମାରୀ ସ୍ୱସ୍ତି ମିଶ୍ର ଏବଂ ଶବନମ ଆଫ୍ରିନଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନେ ସ୍ୱତନ୍ତ୍ର ଉପସ୍ଥାପନା କରିଥିବା ବେଳେ ଶେଫ୍ ମଞ୍ଜିତ ସିଂ ଗିଲ ଏବଂ ଡକ୍ଟର ସୁନୀତି ମୁଣ୍ଡଙ୍କ ଅଭିଭାଷଣ ଆଲୋଚନାକୁ ଅଧିକ ସମୃଦ୍ଧ କରିଥିଲା ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ




ସମ୍ବଲପୁର/ଭୁବନେଶ୍ୱର : ପ୍ରକୃତିର ନୂତନ ରୂପ ସହ ଆରମ୍ଭ ହେଉଥିବା ରାଷ୍ଟ୍ରୀୟ ନବବର୍ଷ ଆମକୁ ଗୌରବଶାଳୀ ଇତିହାସର ସ୍ମୃତି କରାଇଥାଏ । ଯେତେବେଳେ ସମାଜ ନିଜର ସଂସ୍କୃତିକୁ ସମ୍ମାନ ଦିଏ, ସେତେବେଳେ ରାଷ୍ଟ୍ର ପରମ ବୈଭବକୁ ପ୍ରାପ୍ତ ହୁଏ । ତେଣୁ ସବୁବେଳେ ନିଜର ସଭ୍ୟତା, ସଂସ୍କୃତି ଓ ଭାଷାକୁ ସମ୍ମାନ ଦେବା ପାଇଁ ଯୁବ ସମାଜକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । 'ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର' ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମଣ୍ଡପ ଠାରେ ଆୟୋଜିତ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିଡ଼ିଓ ବାର୍ତ୍ତା ଜରିଆରେ ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଦିନଟି କେବଳ ଏକ ତାରିଖ ପରିବର୍ତ୍ତନର ଦିନ ନୁହେଁ, ଏହା ହେଉଛି ଆମର ସଭ୍ୟତା, ସଂସ୍କୃତି ଏବଂ ମୂଲ୍ୟବୋଧର ପୁନର୍ଜାଗରଣର ଦିନ । ବସନ୍ତ ଋତୁର ଆରମ୍ଭରେ ଯେତେବେଳେ ପ୍ରକୃତି ନୂଆ ରୂପ ଧାରଣ କରେ, ସେତେବେଳେ ଆମର ଏହି ନୂତନ ବର୍ଷ ଆରମ୍ଭ ହୁଏ । ଏହି ପବିତ୍ର ଦିନ ଆମକୁ ମନେ ପକାଇଦିଏ - ଆମର ଇତିହାସ କେତେ ପ୍ରାଚୀନ ଓ ଗୌରବଶାଳୀ । ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର' ପକ୍ଷରୁ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଆମର ଯୁବପିଢ଼ିକୁ ନିଜର ମୂଳ ଚେର ସହ ଯୋଡ଼ିବାର ଏକ ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ସେ ଅଭିହିତ କରିଛନ୍ତି । ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଶ୍ରୀ ପ୍ରଧାନ ସମ୍ବଲପୁରର ମାଟିରୁ ଅନେକ ସଂକଳ୍ପ' ନେବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି ।

## ରାଜ୍ୟରେ ୫ ଦିନ କାଳବୈଶାଖୀ, ଝଡ଼ବର୍ଷା ନେଇ ସତର୍କତା ଜାରି



ଭୁବନେଶ୍ୱର: ରାଜ୍ୟରେ ୫ ଦିନ କାଳବୈଶାଖୀ ଆଶଙ୍କା । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ରହିବ । ଏହା ପ୍ରଭାବରେ ପ୍ରତିଦିନ ରାଜ୍ୟର କେତେକ ଅଂଚଳରେ ଘଡ଼ଘଡ଼ି ସହ ବର୍ଷା ଏବଂ ସ୍ଥାନେ ସ୍ଥାନେ ପବନ ହୋଇପାରେ । ତାପମାତ୍ରା ମଧ୍ୟ ସାମାନ୍ୟ ହ୍ରାସ ପାଇବ । ଆସନ୍ତା ୨୪ ଘଂଟା ପର୍ଯ୍ୟନ୍ତ ରାଜ୍ୟରେ ଖରା ପ୍ରକୋପରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ । ଏହା ପରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ କମିପାରେ, ଯାହାକି ପରବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ । ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପୂର୍ବାନୁମାନ ଅନୁସାରେ ଗୁରୁବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ଆଶଙ୍କା ରହିଛି । ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଛି । କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହିତ ଝଡ଼ବର୍ଷା ହୋଇପାରେ । କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସମ୍ଭାବନା ଅଛି । କନ୍ଧମାଳ, ରାୟଗଡ଼ା, କୋରାପୁଟ, ଗଜପତି ଏବଂ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହିତ ଝଡ଼ବର୍ଷା ଆଶଙ୍କା ଅଛି । ସ୍ଥାନେ ସ୍ଥାନେ ପବନ ବେଗ ଘଂଟାପ୍ରତି ୩୦- ୪୦ କିଲୋମିଟର ପର୍ଯ୍ୟନ୍ତ ରହିପାରେ । ୫ ଦିନ ରାଜ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା । ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିବ କାଳବୈଶାଖୀର ପ୍ରଭାବ । ଏନେଇ ଆକଳନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର । ଆସନ୍ତା ୨୦ ତାରିଖରେ ରାଜ୍ୟର ୨୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ଜାତୀୟ ପ୍ରତିରକ୍ଷା ଶିଳ୍ପ ସମ୍ମିଳନୀ -୨୦୨୬କୁ
## ସମ୍ବୋଧିତ କଲେ ପ୍ରତିରକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ: ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଓ ରଣନୈତିକ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଭାରତ ଏବେ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବାକୁ ଲକ୍ଷ୍ୟ ରଖିଛି । ଦିଲ୍ଲୀରେ ଆୟୋଜିତ ଜାତୀୟ ପ୍ରତିରକ୍ଷା ଶିଳ୍ପ ସମ୍ମିଳନୀ ୨୦୨୬ରେ ଉଦବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ରୁଷ-ୟୁକ୍ରେନ ଏବଂ ଇରାନ-ଇସ୍ରାଏଲ ସଂଘର୍ଷ ଆଧୁନିକ ଯୁଦ୍ଧ କ୍ଷେତ୍ରରେ ଡ୍ରୋନ୍ ଓ ଆଂଟି-ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାର ଅପରିହାର୍ଯ୍ୟତାକୁ ପ୍ରମାଣିତ କରିଛି । ଭବିଷ୍ୟତର ଯୁଦ୍ଧ କୌଶଳକୁ ଦୃଷ୍ଟିରେ ରଖି ଭାରତକୁ ଏକ ସୁଦୃଢ଼ ଡ୍ରୋନ୍ ଉତ୍ପାଦନ ଇକୋସିଷ୍ଟମ ବିକଶିତ କରିବାକୁ ପଡ଼ିବ, ଯାହା ଦେଶକୁ ଆଗାମୀ କିଛି ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ଉଭା କରିବ । ପ୍ରତିରକ୍ଷା ପ୍ରସ୍ତୁତି ଏବଂ ରଣନୈତିକ ସ୍ୱାୟତତା ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଡ୍ରୋନ୍ ଅତ୍ୟନ୍ତ ଜରୁରୀ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଏହି ଆତ୍ମନିର୍ଭରଶୀଳତା କେବଳ ଉପରିସ୍ଥ ଢାଂଚାରେ ସୀମିତ ନରହି ଡ୍ରୋନର ସଫ୍ଟୱେର୍, ଇଞ୍ଜିନ୍ ଓ ବ୍ୟାଟେରୀ ଭଳି ପ୍ରତିଟି ମୁଖ୍ୟ ଅଂଶ ପର୍ଯ୍ୟନ୍ତ ବିସ୍ତାରିତ ହେବା ଆବଶ୍ୟକ । ଯଦିଓ ଏହି ଉପାଦାନଗୁଡ଼ିକ ପାଇଁ ବିଶ୍ୱର ଅନେକ ଦେଶ ଅନ୍ୟ ଉପରେ ନିର୍ଭର କରନ୍ତି, କିନ୍ତୁ ଭାରତକୁ ଏହି ଆହ୍ୱାନକୁ ସ୍ୱୀକାର କରି ନିଜସ୍ୱ ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ହେବ । ଏଥିସହିତ କୃତ୍ରିମ ବୁଦ୍ଧିମତା (ଏଆଇ), ରୋବୋଟିକ୍ସ ଓ ସିମୁଲେସନ୍ ପ୍ରଯୁକ୍ତିବିଦ୍ୟାକୁ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ସାମିଲ କରିବା ପାଇଁ ସେ ଶିଳ୍ପ ଜଗତକୁ ପରାମର୍ଶ ଦେଇଛନ୍ତି ।

# କୃତ୍ରିମ ବୁଦ୍ଧିମତା ଆଧାରିତ ଉପଯୋଗକାରୀ ପୁସ୍ତକାଗାର ଉନ୍ନତି ବିଷୟରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ




ବାଲେଶ୍ୱର (ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟରେ "କୃତ୍ରିମ ବୁଦ୍ଧିମତା ସହିତ ଉପଯୋଗକାରୀମୁଖୀ ପୁସ୍ତକାଗାର ଉନ୍ନତିର ଆଧୁନିକ ପଦ୍ଧତି" ବିଷୟରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଛି । ଏହାକୁ ବିଶ୍ୱବିଦ୍ୟାଳୟର ପୁସ୍ତକାଗାର ଓ ସୂଚନା ବିଜ୍ଞାନ ସ୍ନାତକୋତର ବିଭାଗ ଓ ଓଡ଼ିଶା ଲାଇବ୍ରେରୀ ଏକାଡେମୀ ମିଳିତଭାବେ ଆୟୋଜନ କରିଛନ୍ତି । ଉଦଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ନିଜର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ, 'ଏକ ଅନୁଷ୍ଠାନର ପୁସ୍ତକାଗାର, ଏହାର ମୁଖଶାଳା ହୋଇଥାଏ । ପୁସ୍ତକାଗାର ସମସ୍ତଙ୍କ ପାଇଁ ଜ୍ଞାନ ଆହରଣର ସ୍ଥଳୀ ଭାବେ ପରିଚିତ ହେବା ଆବଶ୍ୟକ' । ଏହି କାର୍ଯ୍ୟକ୍ରମରେ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ଉଦବୋଧନ ରଖିଥିଲେ ।ଏଥିସହିତ ଓଡ଼ିଶା ପୁସ୍ତକାଗାର ଏକାଡେମୀ, ଭୁବନେଶ୍ୱର ର ସେକ୍ରେଟେରୀ ଶ୍ରୀ ବିଜୟ କେତନ ପଣ୍ଡା ଓ ଅଧ୍ୟକ୍ଷ ଡ଼କ୍ଟର ବିଭୂତି ଭୂଷଣ ସାହୁ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି, ଆଧୁନିକ ପୁସ୍ତକାଗାର ସେବାରେ କୃତ୍ରିମ ବୁଦ୍ଧିମତାର ଭୂମିକା ବିଷୟରେ ସଂପର୍କରେ ଅବଗତ କରାଇବା ସହ ଏହାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ଲାଇବ୍ରେରୀ ଓ ଇନଫରମେସନ ସାଇନ୍ସ ବିଷୟର ପାଠ୍ୟକ୍ରମରେ କ୍ୟାରିୟର ଗଠନ, ଉନ୍ନତ ମାନର ଲାଇବ୍ରେରୀ ର ଆବଶ୍ୟକତା ଇତ୍ୟାଦି ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରଫେସର ଦୁର୍ଗା ଶଙ୍କର ରଥ ଯୋଗଦେଇ, "ପ୍ରଣାଳୀଗତ ସମୀକ୍ଷା ଓ ପ୍ରମାଣ ଆଧାରିତ ଅଧ୍ୟୟନରେ ଜ ଅଧିବେଶନରେ ମୋଟ ୬ଟି ଆମନ୍ତ୍ରିତ ବ୍ୟାଖ୍ୟାନ ଅନୁଷ୍ଠିତ ହେବ । ନାଇଜର ଅନୁଷ୍ଠାନ- ଭୁବନେଶ୍ୱର, ଆଇଆଇଟି- ଖଡ୍‌ଗପୁର, କଲକତା ବିଶ୍ୱବିଦ୍ୟାଳୟ ଓ ସିଏସଆଇଆର -ଆଇଏମଏମଟି ଭୁବନେଶ୍ୱର ଭଳି ପ୍ରମୁଖ ସଂସ୍ଥାର ଶିକ୍ଷାବିତ୍ ଓ ବିଶେଷଜ୍ଞମାନେ ଯୋଗଦେଇ ମୁଖ୍ୟ ବିଷୟରେ ଆଲୋଚନା କରିବେ । ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଗବେଷକ ଓ ବ୍ୟବହାରକାରୀମାନଙ୍କ ଦ୍ୱାରା ୫୦ରୁ ଅଧିକ ଗବେଷଣା ପତ୍ର ପ୍ରସ୍ତୁତ କରାଯାଇଛି ।କାର୍ଯ୍ୟକ୍ରମର ଆରମ୍ଭରେ ସମ୍ମିଳନୀ ନିର୍ଦ୍ଦେଶକ ଡ଼କ୍ଟର ଜଗନ୍ନାଥ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଏହାପରେ ଆୟୋଜନ ସଚିବ ଡ଼କ୍ଟର ମନୋଜ କୁମାର ଆଚାର୍ଯ୍ୟ ସମ୍ମିଳନୀର ଉଦ୍ଦେଶ୍ୟ ଓ ମୁଖ୍ୟ ଆଲୋଚ୍ୟ ବିଷୟରେ ସରଳ ଭାବେ ଜଣାଇଥିଲେ । ସହାୟକ ଅଧ୍ୟାପକ ବିଶ୍ୱଜିତ ସାହୁ କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ ଓ ଶେଷରେ ସହାୟକ ଅଧ୍ୟାପକ ଚିନ୍ମୟ କୁମାର ଦାସ ଧନ୍ୟବାଦ ଜଣାଇଥିଲେ । ଏହି ସମ୍ମିଳନୀ ପୁସ୍ତକାଗାରଗୁଡ଼ିକୁ ଆଧୁନିକ ପ୍ରଯୁକ୍ତି ସହାୟତାରେ ଉପଯୋଗକାରୀମୁଖୀ ଜ୍ଞାନ କେନ୍ଦ୍ରରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହେବାନେଇ ଆଶାବ୍ୟକ୍ତ କରାଯାଇଛି ।

## ଆର୍‌ଏସ୍‌ଏସ୍ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ







ବାଲେଶ୍ୱର(ନି.ପ୍ର.) : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଚୈତ୍ର ଶୁକ୍ଳ ପ୍ରତିପଦା ତଥା ରାଷ୍ଟ୍ରୀୟ ନବବର୍ଷ ବିଭିନ୍ନ ଶାଖା ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି । ଆଜି ମଧ୍ୟ ଆରଏସଏସର ପ୍ରତିଷ୍ଠାତା ଡା. କେଶବ ବଳିରାମ ହେଡ଼ଗ୍ୱେରଙ୍କ ଜନ୍ମତିଥି । ଏହି ଅବସରରେ ବାଲେଶ୍ୱର ନଗର ତଥା ଜିଲ୍ଲାରେ ସକାଳ ୭ଟା ସମୟରେ ସାମୁହିକ



ଆଦ୍ୟ ସାରସଂଘଚାଳକ ପ୍ରଣାମ ଦିଆଯାଇଥିଲା । ପରେ ଶାରୀରିକ ଏବଂ ବୌଦ୍ଧିକ କାର୍ଯ୍ୟକ୍ରମ ସହ ପ୍ରାର୍ଥନା ହୋଇଥିଲା ।

ଅପରାହ୍ନରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ଆନୁକୂଲ୍ୟରେ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା ।ସମିତିର ସଭାପତି ଗୋପାଳ ଖଣ୍ଡେଲୱାଲଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ପ୍ରଫୁଲ୍ଲ କୁମାର ରାଉତ, ମୁଖ୍ୟ ଅତିଥି ଭାବେ ଆରଏସଏସର ପୂର୍ବ ପ୍ରାନ୍ତ ଶାରୀରିକ ଶିକ୍ଷଣ ପ୍ରମୁଖ ବସନ୍ତ ମଲ୍ଲିକ ଏବଂ ସମିତିର ସମ୍ପାଦକ ପ୍ରଭଞ୍ଜନ ପାଢ଼ୀ ମଂଚାସିନ ଥିଲେ । ଏହି ଅବସରରେ ଶ୍ରୀ ମଲ୍ଲିକ କହିଥିଲେ ଯେ ଚୈତ୍ର ଶୁକ୍ଳ ପ୍ରତିପଦା ହିଁ ଆମର ପ୍ରକୃତ ନବବର୍ଷ । ଏହି ଦିନ ସୃଷ୍ଟିକର୍ତା ବ୍ରହ୍ମା କାଳ ଗଣନା କରିଥିଲେ । ଏହି ଦିନ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମ, ଯୁଧିଷ୍ଠିର ମହାରାଜ ଓ ବିକ୍ରମାଦିତ୍ୟଙ୍କର ରାଜ୍ୟାଭିଷେକ ହୋଇଥିଲା । ତେଣୁ ରାଷ୍ଟ୍ରୀୟ ନବବର୍ଷ ଆମ ଗୌରବମୟ ପରମ୍ପରାର ପ୍ରତିକ ବୋଲି ସେ କହିଥିଲେ । ସୁଦର୍ଶନ ତରେଇ ଅତିଥିଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ । ସେହିପରି ଅପରାହ୍ନରେ କୁରୁଡ଼ାସ୍ଥିତ ହରିଡ଼ା ପଡିଆରେ ଈଶାନେଶ୍ୱର ଓ ରାମେଶ୍ୱର ଉପନଗର ପକ୍ଷରୁ ସାଂସ୍କୃତିକ ସଭା ତଥା ସାମୁହିକ ନବବର୍ଷ ପାଳନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରି ତରୁଣ କୁମାର ବିଶ୍ୱାଳ, ସମ୍ମାନିତ ବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ସୁଶାନ୍ତ ପଣ୍ଡା, ମୁଖ୍ୟ ବକ୍ତା ଭାବେ ଗୋପାଳ ଖଣ୍ଡେଲୱାଲ ଏବଂ ସୁବେଦାର ମେଜର ବିଜୟ କୁମାର ଦାସ ଉପସ୍ଥିତ ଥିଲେ । ନଗର ବୌଦ୍ଧିକ ପ୍ରମୁଖ ଅଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବରିଷ୍ଠ ସାମ୍ବାଦିକ ମିହିର ମହାପାତ୍ରଙ୍କର ଶେଷକୃତ୍ୟ ସମ୍ପନ୍ନ :

## ୨୭ ମାର୍ଚ୍ଚରେ ଭୁବନେଶ୍ୱର ଠାରେ ହେବ ସ୍ମୃତି ସଭା

ବାଲେଶ୍ୱର (ନି.ପ୍ର.): ବାଲେଶ୍ୱର ଜିଲ୍ଲା ଗୋପାଳଗାଁ ନିବାସୀ ସ୍ୱର୍ଗତ ରବିନାରାୟଣ ମହାପାତ୍ର ଏବଂ ସ୍ୱର୍ଗତା ଗୌରୀପ୍ରିୟା ମହାପାତ୍ରଙ୍କର କନିଷ୍ଠ ପୁତ୍ର ମିହିର ମହାପାତ୍ର ୭୦ ବର୍ଷ ୮ ଦିନ ବୟସରେ ଗତ ୧୭ ତାରିଖ ଅପରାହ୍ନ ୪ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ଭୁବନେଶ୍ୱରରେ ରହୁଥିବା ବେଳେ ୧୬ ତାରିଖ ରାତି ତିନିଟାରେ ଅମ୍ଳଜାନ ଅଭାବ ପାଇଁ ତୁରନ୍ତ ଉତ୍କଳ ହସ୍ପିଟାଲ ନିଆଯାଇଥିଲା । ସେଠାରେ ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ । ସେଠାରୁ ଶେଷକୃତ୍ୟ ପାଇଁ ସ୍ୱର୍ଗଦ୍ୱାର ନିଆଯାଇଥିଲା । ତାଙ୍କର ଅନ୍ତରଙ୍ଗ ବାଲ୍ୟବନ୍ଧୁ ଅମର ମହାନ୍ତି, ଅଚ୍ୟୁତାନନ୍ଦ ଦାସ, ଶ୍ୟାଳକ ଅରବିନ୍ଦ ଦାସ ଚେୟାରମ୍ୟାନ, ମିଡିଆ, କମ୍ୟୁନିକେସନ ଏଣ୍ଡ ପବ୍ଲିସିଟି ଡିପାର୍ଟମେଂଟ ଅଫ୍ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି, ଜ୍ୟେଷ୍ଠ ଶାଳୀ ଓୟୁଏଟିର ଅବସରପ୍ରାପ୍ତ ପ୍ରଫେସର କାଜରୀ ଦାସ, ପୁତୁରା ବୋହୂ ଇନ୍ଦିରା ଭଞ୍ଜବାବୁ, ଝିଆରୀ ସ୍ୱାଗତିକା ଦେବଗୋସ୍ୱାମୀ, ଝିଆରୀ ଜ୍ୱାଇଁ ମୁକ୍ତିକାନ୍ତ ପଟ୍ଟନାୟକ, ସ୍ମୃତି ମହାନ୍ତି, ଶ୍ୟାମଲ ହାଲଦାର ପ୍ରଭୃତି ଉତ୍କଳ ହସ୍ପିଟାଲରେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ଝିଆରୀ ଅନନ୍ୟା ଗିରି, ଝିଆରୀ ଜ୍ୱାଇଁ ଶୁଭ୍ରଜ୍ୟୋତି ଗିରି, ପୁତୁରା ଦେବାନନ୍ଦ ଦେବଗୋସ୍ୱାମୀ, ପଡ଼ିଶା ସର୍ବେଶ୍ୱର ବିଶ୍ୱାଳ, ଏସପିଡି କନଷ୍ଟ୍ରକସନର କର୍ମକର୍ତା ଦେବୀପ୍ରସନ୍ନ ମହାନ୍ତି, କୃଷ୍ଣା କୁମାର ଶ୍ରେଷ୍ଠା, ଭାଇ ସୁଶାନ୍ତ ମହାପାତ୍ର, ଭାଇବୋହୂ ସ୍ନେହାଶ୍ରୀ ମହାପାତ୍ର ପ୍ରଭୃତି ମିହିର ମହାପାତ୍ରଙ୍କର ମର ଶରୀର ସହିତ ସ୍ୱର୍ଗଦ୍ୱାରରେ ପହଂଚିଥିଲେ ।



ସାଙ୍ଗରେ ଥିଲେ ସ୍ୱର୍ଗତ ମହାପାତ୍ରଙ୍କର ଧର୍ମପତ୍ନୀ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରୁ ଅବସରପ୍ରାପ୍ତ ଅଧ୍ୟକ୍ଷା ମିତ୍ରା ମହାପାତ୍ର, ଜ୍ୟେଷ୍ଠା କନ୍ୟା ମେଘାଦୀପ୍ତି ,କନିଷ୍ଠା କନ୍ୟା ମେଘାଜ୍ୟୋତି, ନାତୁଣୀ କ୍ରୀଶା । ଶେଷ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବାଲେଶ୍ୱରରୁ ରମୁ ପଣ୍ଡା, ଶଚିନ୍ଦ୍ର ମାଝୀ, ଶିବଦାସ କୁଣ୍ଡୁ, ଅଭିଷେକ କୁଣ୍ଡୁ, ଶାଳୀ ଦିପ୍ତା କୁଣ୍ଡୁ, ନିଜ ଗ୍ରାମ ଅଣ୍ଡରାଇରୁ ପୁତୁରା ସଂଦିପ୍ତ ମହାପାତ୍ର, ନିର୍ଲିପ୍ତ ମହାପାତ୍ର, ମାମୁଁ ଶ୍ୱଶୁର କୌଶିକ କୁମାର ଦାସ,ପତ୍ନୀଙ୍କର ଧରମ ମାତା କଲ୍ୟାଣୀ ସ୍ୱାଇଁ ଓ ପିତା ସୁକାନ୍ତ ସ୍ୱାଇଁ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟରୁ ସୁବାସ ଚନ୍ଦ୍ର ଜେନା, ନରସିଂହ ପ୍ରସାଦ ରଥ, ଶ୍ରୀମନ୍ଦିର ପ୍ରଶାସନର ଶ୍ରୀଜଗନ୍ନାଥଙ୍କର ସେବକ ଦିଲ୍ଲୀପ କୁମାର ମଙ୍ଗରାଜ ପ୍ରଭୃତି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଅର୍ଘ୍ୟ ପ୍ରଦାନ କରିଥିଲେ । କନିଷ୍ଠା କନ୍ୟା ମେଘାଜ୍ୟୋତି ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ମହାପାତ୍ରଙ୍କର ଦଶମ ଏବଂ ଏକାଦଶ କ୍ରିୟା କର୍ମ ୨୬ ତାରିଖ ବୃହସ୍ପତିବାର ପୁରୀ ସ୍ଥିତ ଶ୍ୱେତଗଙ୍ଗା ଘାଟରେ ସମ୍ପନ୍ନ ହେବ । ୨୭ ତାରିଖରେ ଭୁବନେଶ୍ୱରସ୍ଥିତ ବସାଘରେ ସନ୍ଧ୍ୟା ୭ ଟାରେ ସ୍ମୃତିସଭା ଏବଂ ପଂକ୍ତି ଭୋଜନ କରାଯିବାର ବ୍ୟବସ୍ଥା ହୋଇଛି ବୋଲି ସ୍ୱର୍ଗତ ମହାପାତ୍ରଙ୍କ ପରିବାର ପକ୍ଷରୁ କୁହାଯାଇଛି ।

### ସିକିମ ମାରାଥନରେ ଅଂଶଗ୍ରହଣ କରି ପଦକ ହାସଲ କଲେ ବାଲେଶ୍ୱରର ମାରାଥନ୍ ଧାବକ ଡମ୍ବରୁଧର ଚଣ୍ଡ

## ଦେଢ଼ ବର୍ଷ ମଧ୍ୟରେ ୨୪ ଟି ରାଜ୍ୟର ମାରାଥନରେ ଅଂଶଗ୍ରହଣ କରି ରେକର୍ଡ଼ କଲେ




ବାଲେଶ୍ୱର(ନି.ପ୍ର.)ମନୋବଳ ଦୃଢ଼ ଥିଲେ ଅସାଧ କାର୍ଯ୍ୟ ମଧ ଅଚିରେ କରିହେବ । ଏ କଥାକୁ ପ୍ରମାଣିତ କରିଛନ୍ତି ବାଲେଶ୍ୱରର ନିଆରା ବ୍ୟକ୍ତିତ୍ୱ ମାରାଥନ୍ ରନର୍ ଡମ୍ବରୁଧର ଚଣ୍ଡ । ୫୬ ବର୍ଷ ବୟସ୍କ ଶ୍ରୀ ଚଣ୍ଡ ସମ୍ପ୍ରତି ୧୧ ଘଂଟାରେ ୭୫ କିଲୋମିଟର ଦୌଡି ବାଲେଶ୍ୱର ପାଇଁ ଗୌରବ ଆଣିଛନ୍ତି କହିଲେ ଭୁଲ ହେବ ନାହିଁ । ପରିଣତ ବୟସରେ ୭୫ କିଲୋମିଟର ଦୌଡ଼ିବା ସହଜ ଲାଗୁନଥିଲେ ମଧ ଏହାକୁ ୧୧ ଘଂଟାର ସମାପ୍ତ କରିଛନ୍ତି ଶ୍ରୀ ଚଣ୍ଡ । ଏଇ ମାରାଥନ ଦୌଡରେ ସେ ବିଜୟୀ ହେବା ସହ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି । ସୂଚନାଯୋଗ୍ୟ ଯେ, ନିକଟରେ ସିକିମର ଗ୍ୟାଙ୍ଗଟକରେ ଆୟୋଜିତ ହୋଇଯାଇଥିବା ମାରାଥନ ଦୌଡରେ ଅଂଶଗ୍ରହଣ କରି ସେ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି । ବାଲେଶ୍ୱର ତଥା ଓଡ଼ିଶାରୁ ସେ ଏକମାତ୍ର ଆଥଲେଟ୍ ଭାବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସେ ପ୍ରକାଶ କରିଛନ୍ତି । ଏଥିରେ ୭୫ କିଲୋମିଟର ଦୌଡକୁ ୧୨ ଘଂଟା ଭିତରେ ଶେଷ କରିବାର ଏକ ଇଭେଂଟ ଥିଲା । ଯେଉଁଥିରେ ବାଲେଶ୍ୱର ସହର କୁରୁଡା ଅଂଚଳରେ ରହୁଥିବା ଡମ୍ବରୁଧର ଚଣ୍ଡ ଅଂଶଗ୍ରହଣ କରିଥିଲେ । ସେ ଏହି ପ୍ରତିଯୋଗିତାକୁ ୧୧ ଘଂଟା ୧୦ ମିନିଟ ୫୫ ସେକେଣ୍ଡରେ ଶେଷ କରିଥିଲେ । ଫଳରେ ସେ ଷଷ୍ଠ ସ୍ଥାନ ଅଧିକାର କରି ପଦକ ହାସଲ କରିଥିଲେ । ବିଭିନ୍ନ ଇଭେଂଟ ମଧ୍ୟରେ ଏହି ୭୫ କିମି ଦୌଡ ପ୍ରତିଯୋଗିତାଟି ଚ୍ୟାଲେଞ୍ଜିଂ ରହିଥିଲା । କାରଣ ବରଫପାତ ଭିତରେ ପାର୍ବତ୍ୟାଂଚଳରେ ଏହି ଦୌଡ଼ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଦୃଢ଼ ମନୋବଳ ନେଇ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଡମ୍ବରୁଧର ଏବଂ ସଫଳ ମଧ ହୋଇଥିଲେ । ସଫଳତା ହାସଲ କରି ସେ ବାଲେଶ୍ୱର ଫେରିବା ପରେ ତାଙ୍କୁ ବାଲେଶ୍ୱର ମାରାଥନ ଆସୋସିଏସନ୍ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ସୂଚନାଯୋଗ୍ୟ, ବାଲେଶ୍ୱର ସହର ଉପକଣ୍ଠସ୍ଥ କୁରୁଡା ଅଂଚଳର ନୁଡିପାଟଣା ଗ୍ରାମରେ ଡମ୍ବରୁଧର ଚଣ୍ଡୀଙ୍କ ଜନ୍ମ । ଡମ୍ବରୁଧର ବିର୍ଲା ଟାୟାର୍ସରେ କାର୍ଯ୍ୟ କରୁଥିଲେ । ତେବେ ସେ ଚାକିରି କରିବା ସହିତ ଦୌଡ଼ିବା ମଧ ଆରମ୍ଭ କରିଥିଲେ । ଦୁଇ ବର୍ଷ ଧରି ଦୌଡ଼ିବା ଆରମ୍ଭ କରିଥିବା ବେଳେ ୨୦୨୪ ମସିହା ଅଗଷ୍ଟ ମାସରେ ଆରମ୍ଭ କରିଥିଲେ ମାରାଥନ୍ ରେ ଅଂଶଗ୍ରହଣ । ଏହିପରି ଗୋଟିଏ ପରେ ଗୋଟିଏ ମାରାଥନରେ ଅଂଶଗ୍ରହଣ କରି ସେ ଦୌଡ଼ ପ୍ରତି ତାଙ୍କର ଏକାଗ୍ରତା ବଢ଼ାଇଥିଲେ । ସେ ଏହି ଦେଢ ବର୍ଷ ମଧ୍ୟରେ ୨୪ଟି ରାଜ୍ୟରେ ଅନୁଷ୍ଠିତ ବିଭିନ୍ନ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିସାରିଛନ୍ତି । ସିକିମ୍ ରାଜ୍ୟକୁ ମିଶାଇଲେ ଏହା ତାଙ୍କର ୨୪ ତମ ରାଜ୍ୟ । ବିଭିନ୍ନ ରାଜ୍ୟରେ ସେ ପ୍ରତିଯୋଗିତାରେ ସ୍ଥାନିତ ହୋଇ ପଦକ ହାସଲ କରିଛନ୍ତି । ଗତ ସେପ୍ଟେମ୍ବର ମାସରେ ସେ ପ୍ରଥମ ଓଡ଼ିଆ ଭାବେ ଲଦାଖରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପଦକ ହାସଲ କରିବା ସହିତ ଓଡ଼ିଶା, ପଶ୍ଚିମବଙ୍ଗ, ଲଦାଖ, ମଣିପୁର, ଅରୁଣାଚଳ ପ୍ରଦେଶ, ଦିଲ୍ଲୀ, ଝାଡ଼ଖଣ୍ଡ ଆଦି ରାଜ୍ୟରୁ ଆର୍ଥିକ ପୁରସ୍କାର ସହିତ ସମ୍ମାନିତ ମଧ ହୋଇଛନ୍ତି । ଆସନ୍ତା ରବିବାର ଦିନ ସେ ପାଟନା ମାରାଥନରେ ଅଂଶଗ୍ରହଣ କରିବାକୁ ଯିବେ । ତା ପରବର୍ତୀ ରବିବାର ହରିୟାନାର ଏକ ମାରାଥନରେ ସେ ଯୋଗ ଦେବାକୁ ଯିବେ । ୨୦୨୬ ସୁଦ୍ଧା ୨୮ଟି ରାଜ୍ୟ ଓ ୯ଟି କେନ୍ଦ୍ର ଶାସିତ ଅଂଚଳ କଭର୍ କରିବାର ସେ ଲକ୍ଷ୍ୟ ରଖିଛନ୍ତି । ପ୍ରତ୍ୟକ ରାଜ୍ୟରୁ ପଦକ ହାସଲ ମଧ ଡମ୍ବରୁଧରଙ୍କ ଟାର୍ଗେଟ ବୋଲି ତାଙ୍କ ସହିତ କଥା ହେଲେ ଜଣା ପଡେ । ଏହାବ୍ୟତୀତ ୱାର୍ଲଡ ମାରାଥନରେ ଅଂଶଗ୍ରହଣ ପାଇଁ ସେ ବୁଷ୍ଟର୍ଣ୍ଣ ମାରାଥନରେ ମନୋନୀତ ମଧ ହୋଇସାରିଛନ୍ତି । ବାଲେଶ୍ୱରକୁ ଗୌରବାନ୍ୱିତ କରିଥିବା ଏହି ଦୌଡ଼ ରାଜା ନିଜ ସହରରେ ପ୍ରାକ୍ଟିସ୍ ବା ଅଭ୍ୟାସ କରିବା ପାଇଁ ପ୍ରକୃଷ୍ଟ ଟ୍ରାକ୍ ବା ଉପଯୁକ୍ତ ପଡ଼ିଆ ନଥିବା କଥା କ୍ଷୋଭର ସହିତ ଜଣାନ୍ତି । ବାଧ ହୋଇ ସେ ସହରର ବ୍ୟସ୍ତବହୁଳ ମୁଖ୍ୟ ସଡ଼କ ଉପରେ ନିଜର ଦୌଡ଼ ଅଭ୍ୟାସ ଜାରି ରଖିଥିବା ବେଳେ ତାଙ୍କୁ ଦୌଡିବା ପାଇଁ ଉଦ୍ଦିଷ୍ଟ ପଡିଆ କିମ୍ବା ଉପଯୁକ୍ତ ସ୍ଥାନ ମିଳେନାହିଁ ସହରରେ ବୋଲି କହନ୍ତି । ଦ୍ରୁତଗତିରେ ଯାନବାହନ ଚଳପ୍ରଚଳ କରୁଥିବା ବିପଦପୂର୍ଣ୍ଣ ରାସ୍ତାରେ କେବଳ ସେ ନୁହନ୍ତି ବହୁ ବରିଷ୍ଠ ପ୍ରାତଃ ଭ୍ରମଣକାରୀ ମଧ ଦୌଡିବା ଅଭ୍ୟାସ ଚାଲୁ ରଖିଥିବା ବେଳେ ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି ।

## ରାମଚେତନା ପକ୍ଷରୁ ରାମନବମୀ ପାଇଁ ପ୍ରସ୍ତୁତି

ବାଲେଶ୍ୱର (ନି.ପ୍ର.): ଆସନ୍ତା ୨୭ ତାରିଖ ରାମନବମୀ ପରିପ୍ରେକ୍ଷୀରେ ବାଲେଶ୍ୱର ରାମଚେତନା ସଂଗଠନ ପକ୍ଷରୁ ରାମନବମୀ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ ଶେଷ ହୋଇଛି । ଆସନ୍ତା ୨୫ ତାରିଖ ୩୦୦ରୁ ଉର୍ଦ୍ଧ୍ୱ ମହିଳା ବାଲିଘାଟ ଠାରୁ କଳସଶୋଭାଯାତ୍ରାରେ ସାମିଲ୍ ହୋଇ ଟାଉନଥାନା ଛକ ଦେଇ ସିନେମାଛକ ହୋଇ ପରମିଟ୍ ପଡ଼ିଆରେ ପହଂଚିବ । ସେହିପରି ଆସନ୍ତା ୨୬ ତାରିଖ ଅପରାହ୍ନରେ ଏକ ବାଇକ ଶୋଭାଯାତ୍ରା ପରମିଟ୍ ପଡ଼ିଆରୁ ବାହାରି ସିନେମାଛକ, ଟାଉନହଲ ଛକ, ମିର୍ଜାପୋଖରୀ, ମାଣିଖମ୍ଭ, ବାରବାଟୀ, ଚାଉଳିଆସାହି, ଦାମୋଦରପୁର, ବଡ଼ପୋଲଛକ, ଗଳାପୋଖରୀ, ଦର୍ଘା ମଇଦାନ ହୋଇ ପୁଲବଜାର, ପରମିଟ୍‌ଘାଟ, ପୁରୁଣାବାଲେଶ୍ୱର, ଉଡ଼ାପଦା, କାଇଁଚମାଳି ମଠଛକ, ଗବଗାଁ, ପାତ୍ରପଡ଼ା, ଭୂଜାଖିଆପୀର, ସୁନହଟ, ବଙ୍କାଖଜୁରଛକ, ହେମକାପଦା, ମାକଲପୁର, ମଠସାହି, ସେଂଟ୍ରାଲସ୍କୁଲ, ଆଇଟିଆଇଛକ, ପୋଲିସଲାଇନ, ଖିମଜୀଛକ, ଭାସ୍କରଗଂଜ, ମାଲଗୋଦାମ, ଆନନ୍ଦବଜାର, ଅର୍ଦ୍ଦରବଜାର, ହରିପୁର, ଗଳାପୋଲ, ଦର୍ଜିପୋଖରୀ, ରାଣୀପାଟଣା, ଝାଡ଼େଶ୍ୱରମନ୍ଦିର, କଚେରୀ, ଚିଡ଼ିଆପୋଲ ହୋଇ ପରମିଟ୍ ପଡ଼ିଆରେ ଶେଷ ହେବ । ସେହିପରି ୨୭ ତାରିଖ ଦିନ ପାଣିଟାଙ୍କି, ଜିଲ୍ଲାସ୍କୁଲ, ଏଡ଼ିଏମଛକ, ଷ୍ଟେସନଛକ, ଏଫଏମଗୋଲେଇ, ଫାଣ୍ଡିଛକ, କଚେରୀଛକ, ମିଶନଛକ, ଚିଡ଼ିଆପୋଲ, ଗୋପାଳଗାଁ, ଟାଉନହଲ, ସୁଏଲପୁର, ମଣ୍ଡଳବଜାର, ଲାଲାବଜାର, ଦାମୋଦରପୁର, ଗଳାପୋଖରୀଛକ, ଟାଉନପିଏସ, ସିନେମା ହଲ ହୋଇ ପରମିଟ୍ ପଡ଼ିଆରେ ସମାପ୍ତ ହେବ ।



## ସଦର ଖଣ୍ଡ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

ବାଲେଶ୍ୱର (ନି.ପ୍ର.): ସଦରଖଣ୍ଡ ତରଫରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ହିନ୍ଦୁ ନବବର୍ଷ ଉତ୍ସବ ସାରଗାଁ ସ୍ଥିତ ଗଡ଼ଗଡ଼େଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଇଂ ଦୀନବନ୍ଧୁ ସାମଲ, ମୁଖ୍ୟ ବକ୍ତା ଭାବେ ରସାଳପୁର କଲେଜ ଅଧ୍ୟାପକ ଚିତରଂଜନ କୁଣ୍ଡୁ ଯୋଗ ଦେଇଥିଲେ । ହିନ୍ଦୁ ନବବର୍ଷ ପରିପ୍ରେକ୍ଷୀରେ ମୁଖ୍ୟ ବକ୍ତା ବକ୍ତବ୍ୟରେ କହିଥିଲେ କି, ସମଗ୍ର ସୃଷ୍ଟି ଆଜି ହିନ୍ଦୁ ନବବର୍ଷରେ ଆରମ୍ଭ ହୋଇଛି । ଇଂରାଜୀ ନବବର୍ଷ ଜାନୁଆରୀ ୧କୁ ଚୈତ୍ର ଶୁକ୍ଳ ପ୍ରତିପଦା ଦିନଟିକୁ ପ୍ରତ୍ୟେକ ହିନ୍ଦୁ ଉତ୍ସବ ରୂପେ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପଥ ସଂଚଳନ ସ୍ୱୟଂସେବକ ଭାଇମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଦୀପକ କୁମାର ପାତ୍ର କାର୍ଯ୍ୟକ୍ରମକୁ






ପରିଚାଳନା କରିଥିବା ବେଳେ ଦିବ୍ୟାଲୋକ ପ୍ରଧାନ, ରାଜେଶ ଗାଆଣ, ଅନୁପମ ପୁହାଣ, ଶ୍ୟାମଚନ୍ଦ୍ର ଦାସ, ରାଜା ଦାସ, ମନୋଜ ଦାସ, କୁଲୁ ସାହୁ, ଦିପାଂଶୁ ପାତ୍ର, ଚକ୍ରଧର ମହାନ୍ତି, ଜନ୍ମେଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ମିହିର ମହାପାତ୍ର ଙ୍କ ବିୟୋଗରେ ଜିଲ୍ଲା କ୍ରୀଡ଼ାସଂଘର ଶୋକସଭା

ବାଲେଶ୍ୱର(ନି.ପ୍ର.)ଜିଲ୍ଲା କ୍ରୀଡାସଂଘର ବରିଷ୍ଠ ସଭ୍ୟ ଏବଂ କର୍ମକର୍ତା ମିହିର କୁମାର ମହାପାତ୍ର ଙ୍କ ବିୟୋଗରେ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇ ତାଙ୍କର ଅମର ଆତ୍ମା ପ୍ରତି ସମ୍ମାନ ଜଣାଇ ଓ ତାଙ୍କର ଅମର ଆତ୍ମାର ଶାଂ ଓ ସଦଗତି ପାଇଁ ଈଶ୍ୱର ଙ୍କ ଉଦ୍ଦେଶରେ ୨ ମିନିଟ ନିରବ ପ୍ରାର୍ଥନା କରିବା ସଂଗେ ସଂଗେ ତାଙ୍କର ପରିବାର ବର୍ଗ ଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା । ସଭା ପ୍ରାରମ୍ଭରେ ସହ ସାଧାରଣ ସମ୍ପାଦକ ଶ୍ରୀ ପଦ୍ମଲୋଚନ ଲେଙ୍କା ମହାପାତ୍ର ଙ୍କ ସହିତ ବିତାଇ ଥିବା ସମୟ ବିଷୟରେ ଆଲୋକ ପାତ କରିଥିଲେ । ଏହି ସଭାରେ ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ସଭାପତିତ୍ୱ କରି ମିହିର କୁମାର ମହାପାତ୍ର ଙ୍କ ସଚ୍ଚୋଟ କାର୍ଯ୍ୟ ଦକ୍ଷତା ବିଷୟରେ ତାଙ୍କର ଗୁଣଗାନ କରିଥିଲେ । ଉପସଭାପତି ଦିଲିପ ନୟକ ଏବଂ ସଂଷ ଦାସ , ବିଭୁପଦ ଦାସ ବାଲେଶ୍ୱର ଜିଲ୍ଲା କ୍ରୀଡା ପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଉକ୍ତସଭାରେ ଉପସଭାପତି ଜଗଦିଶ ବେହେରା, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ ,ସଂଜୟ ଲେଙ୍କା, ନିମାଇଁ ରାଉତରାୟ, କୋଷାଧକ୍ଷ ଶ୍ରୀ ବିଷ୍ଣୁପ୍ରସାଦ ମହାଁ, ସଭ୍ୟ ସୁକା' ନାୟକ,ସୁଜୟ ଆଚାର୍ଯ୍ୟ,ସତ୍ୟରଂଜନ ଦାସ, ଗୋପାଳ ସେଠୀ,ଦିଲିପ ଜେନା, ପ୍ରଦୀପ ଦାସ, ସୁନିଲ ଚନ୍ଦ୍ର ବେହେରା, ସଂଜୟ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## ସିଡବ୍ଲୁସିରେ ହାଜର ହେଲା କେରଳରୁ ନିଖୋଜ ନାବାଳିକା

ବାଲେଶ୍ୱର (ନି.ପ୍ର.): ପ୍ରାୟ ଦେଢ଼ମାସ ପୂର୍ବରୁ କେରଳ କୋଜିକଟା ଜିଲ୍ଲାରୁ ନିଖୋଜ ହୋଇଥିବା ୧୬ ବର୍ଷର ନାବାଳିକାଙ୍କୁ ବସ୍ତା ପୋଲିସ ପତ୍ରଝଡ଼ା ଗ୍ରାମରୁ ଉଦ୍ଧାର କରିବା ସହ ୧୯ ତାରିଖ ଅପରାହ୍ନରେ ବାଲେଶ୍ୱର ସିଡବ୍ଲୁସିରେ ହାଜର କରିଛି । ୬-ପୋସ୍କୋ ଆଇନ ବଳରେ ରୁଜୁ ହୋଇଥିବା ମାମଲାରେ ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ୱାନଷ୍ଟ୍ରକ ସେଂଟରକୁ ପଠାଯାଇଛି । ପ୍ରିୟ ରଂଜନ ମହାନ୍ତି ଓ ଶତ୍ରୁଘ୍ନ ମଲ୍ଲିକ ସିଡବ୍ଲ୍ୟୁସି ପକ୍ଷରୁ ତତ୍‌ବିର କରୁଥିବା ଜଣାପଡ଼ିଛି । ପ୍ରକାଶଯେ, ଜଣେ ଯୁବକ କେରଳରୁ ନାବାଳିକାଙ୍କୁ ନେଇଆସି ପତ୍ରଝଡ଼ାରେ ରଖିଥିଲା ବେଳେ ପୋଲିସ ନାବାଳିକାଙ୍କୁ ଉଦ୍ଧାର ସମୟରେ ଯୁବକ ଜଣକ ଫେରାର ହୋଇଯାଇଛି ।

# ପାରାଦୀପ ବନ୍ଦର ଡିଏଲଆର ସଂଘର ସାଧାରଣ ସଭା : ହକ୍ ପାଇଁ ଏକାଠି ହେବାକୁ ଶ୍ରମିକ ନେତାଙ୍କ ଆହ୍ୱାନ

ପାରାଦୀପ(ନିପ୍ର) : ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଂଟ୍ରାକ୍ଟ ୱାର୍କମେନ ଆସୋସିଏସନ ର ଏକ ସାଧାରଣ ସଭା ପାରାଦୀପ ବନ୍ଦରର ବିଜୁ ସମ୍ମିଳନୀ ପରିସର ସ୍ଥିତ ନୂତନ କଲ୍ୟାଣ ମଣ୍ଡପ ଠାରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରକାଶ ତ୍ରିପାଠୀ, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ଉପସଭାପତି ସୁବ୍ରତ ପ୍ରଧାନ ପ୍ରମୁଖ ଯୋଗଦେଇ ଅବହେଳିତ ପାରାଦୀପ ବନ୍ଦର ଠିକା କର୍ମଚାରୀ ବା ଡିଏଲଆର ମାନଙ୍କ ନ୍ୟାର୍ଯ୍ୟ ହକ ପାଇଁ




ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ଅତୀତରେ କିଛି ନେତୃତ୍ୱ ଙ୍କ ଅବହେଳା ପାଇଁ ଡିଏଲଆର ମାନେ ସେମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ପାଇବାରୁ ବଂଚିତ ହୋଇଛନ୍ତି ବୋଲି ଶ୍ରୀ ତ୍ରିପାଠୀ କ୍ଷୋଭ ର ସହ କହିଥିଲେ । ପାରାଦୀପ ବନ୍ଦରର ରେଗୁଲାର କର୍ମଚାରୀ ଅବସର ପରେ ୫ବର୍ଷ ପାଇଁ ଚାକିରୀ ବୃଦ୍ଧି କରାଯାଉ ଥିଲା ବେଳେ ଡିଏଲଆର ମାନେ ଅବସର ପରେ ଚାକିରୀ ବୃଦ୍ଧି ରୁ ବଂଚିତ ହେଉଛନ୍ତି । ସେଥିପାଇଁ ଡିଏଲଆର ଭାଇ ଓ ଭଉଣୀ ମାନେ ନିଜ ନିଜ ଭିତରେ ରାଗ ରୋଷ ଭୁଲି ସମସ୍ତେ ନିଜର ସ୍ୱାର୍ଥ ପାଇଁ ଏକାଠି ହେବା ଉପରେ ସଭାପତି ଶ୍ରୀ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ କ୍ଷ ସଂଘର ନୂତନ ନେତୃତ୍ୱ ଡିଏଲଆର ମାନଙ୍କ ସ୍ୱାର୍ଥ ପାଇଁ ତାର ସଂଗ୍ରାମକୁ ଜୋରଦାର କରିବ ବୋଲି ଶ୍ରମିକ ନେତା ମାନେ ଦୃଢୋକ୍ତିର ସହ ନିଜ ନିଜ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସଦସ୍ୟ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଧନେଶ୍ୱର ସାହୁ, ପ୍ରମୋଦ କୁମାର ମାଣିକ, ସୁରେନ୍ଦ୍ର କୁମାର ରାଉତ, ନରେଶ ସାହୁ, ସୁରେନ୍ଦ୍ର ନାଥ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ମାନେ ସକ୍ରିୟ ସହଯୋଗ କରିଥିଲେ । ଏହି ସଭାରେ ଶତାଧିକ ଡିଏଲଆର ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ଦିବସ -୨୦୨୬ ଏବଂ ଜିଲ୍ଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ



ନୟାଗଡ଼(ନିପ୍ର) : ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ମଧୁମିତା ରଥଙ୍କ ଅଧକ୍ଷତାରେ ଓଡିଶା ଦିବସ - ୨୦୨୬ ଏବଂ ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଓଡ଼ିଶା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକର ଆଲୋଚନା କରାଯାଇ ଥିଲା । ଉକ୍ତ ଦିନ ସକାଳ ୬ ଘଟିକାରୁ ୭ଘଟିକା ମଧ୍ୟରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ଦେଶାତ୍ମବୋଧକ ସଂଗୀତର ପ୍ରଚାର ପ୍ରସାର କରାଯିବ । ଏହା ପରେ ସକାଳ ୮ ଘଟିକାରେ ପୌରପରିଷଦ ଅଂଚଳରେ ଥିବା ବିଭିନ୍ନ ପ୍ରତିମୂର୍ତି ମାନଙ୍କରେ ମାଲ୍ୟାର୍ପଣ କରାଯିବାକୁ ସ୍ଥିର କରାଗଲା । ଜିଲ୍ଲାସ୍ତରୀୟ ଓଡ଼ିଆ ବକ୍ତୃତା ଓ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା କରାଯିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ଦିବା ୧୧ ଘଟିକା ସମୟରେ ନୟାଗଡ଼ ଜିଲ୍ଲାର ଉତ୍କଳ ସମ୍ମିଳନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଯଥା କୁଇଜ ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ସନ୍ଧ୍ୟା ୬ଘଟିକା ୩୦ମିନିଟ ସମୟରେ ସାଧାରଣ ସଭା ପଠାଣି ସାମନ୍ତ ସଂସ୍କୃତି ଭବନରେ କରାଯିବ ବୋଲି ସ୍ଥିର କରାଗଲା । ଏଥି ସହିତ ଫ୍ୟାନସି ଡ୍ରେସ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବାକୁ ସ୍ଥିର କରାଗଲା । ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କୁ ଆଲୋକ ମାଳାରେ ସୁସଜ୍ଜିତ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଉକ୍ତ ଦିନ ଆଇନ ଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ବିଭାଗକୁ ଅନୁରୋଧ କରାଗଲା । ଆସନ୍ତା ତା ୦୨. ୦୪. ୨୦୨୬ରିଖ ଦିନ ଜିଲ୍ଲା ପ୍ରତିଷ୍ଠା ଦିବସ ସନ୍ଧ୍ୟା ୬ଘଟିକା ୩୦ ମିନିଟ ସମୟରେ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ କରାଯିବାକୁ ସ୍ଥିର କରାଗଲା କ୍ଷ ସକାଳ ୭ଘଟିକା ସମୟରେ ଏକ ମାରାଥନ ରାଲି ଆୟୋଜନ କରାଯିବାର ପ୍ରସ୍ତାବକୁ ସମର୍ଥନ କରାଯାଇଥିଲା । ପ୍ରତି ବ୍ଲକରୁ ଗୋଟିଏ ଗୋଟିଏ ସାଂସ୍କୃତିକ ଅନୁଷ୍ଠାନକୁ ମନୋନୀତ କରି ପଠାଇବା ପାଇଁ ବିଡ଼ିଓ ମାନଙ୍କୁ ଅନୁରୋଧ କରାଗଲା କ୍ଷ ସଭାର ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଏବଂ ମାନ୍ୟବର ବିଧାୟକମାନଙ୍କର ପ୍ରତିନିଧି, ଜିଲ୍ଲା ପରିଷଦ ଅଧକ୍ଷ ଙ୍କ ଦେବାଶିଷ ପଟ୍ଟନାୟକ,ପୌର ପରିଷଦ ଅଧକ୍ଷା, ନୟାଗଡ଼ ନିରୁପମା ଖଟେଇ, ବିଭିନ୍ନ ଆରକ୍ଷୀ ଅଧିକ୍ଷକ ଏସ. ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ ) ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ବିଜୟାନନ୍ଦ ନାୟକ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷକ, ପୋଲିସ ବିଭାଗ, ବରିଷ୍ଠ ନାଗରିକ ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।

# ଶଶୀକାନ୍ତ ମିଶ୍ରଙ୍କୁ ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଦାୟିତ୍ୱ

ସୋର(ନିପ୍ର) : ବାଲେଶ୍ୱର ଜିଲାର ଯୁବନେତା ସୋରର ଶଶିକାନ୍ତ ମିଶ୍ରଙ୍କୁ ଓଡ଼ିଶା ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଭାବେ ଦଳ ମନୋନୀତ କରିଛି । ଛାତ୍ର ଜୀବନରୁ ରାଷ୍ଟ୍ର ଓ ସମାଜ କାର୍ଯ୍ୟରେ ନିଜକୁ ନିୟୋଜିତ କରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱୟଂ ସେବକ ତଥା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସମ୍ପାଦକ ଭାବେ ଦୁଇ ଥର ନିଜର ରାଜନୈତିକ ପରାକାଷ୍ଠା ପ୍ରଦର୍ଶନ କରିବା ସହିତ ଓଡ଼ିଶାର ବହୁ ସାମାଜିକ ଓ ଛାତ୍ର ଆନ୍ଦୋଳନର ନେତୃତ୍ୱ



ନେଇସାରିଛନ୍ତି । ଶ୍ରୀ ମିଶ୍ର ଦଶନ୍ଧି ଧରି ରାଜ୍ୟରେ ଛାତ୍ର ଓ ଯୁବକ ମାନଙ୍କର ନେତୃତ୍ୱ କରିବା ସହିତ ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ୍ କରିବାରେ ସିଦ୍ଧହସ୍ତ । ଏବିଭିପିର ୨୦୧୫ରୁ ୮ ବର୍ଷ ଧରି କାର୍ଯ୍ୟକର୍ତା ଭାବେ ଯାଜପୁର, ଗଞ୍ଜାମ, ରାଉରକେଲା, ଢେଙ୍କାନାଳ, ଅନୁଗୁଳ, ଗଜପତି , ରାୟଗଡ଼ା ଆଦି ଓଡ଼ିଶାର ୩୦ ଜିଲ୍ଲାରେ କାର୍ଯ୍ୟକାରୀ ବହୁଛାତ୍ର ନେତୃତ୍ୱ ତିଆରି କରିସାରିଛନ୍ତି । ବିଜେପି ନୂତନ ଦାୟିତ୍ୱ ଭାବେ ରାଜ୍ୟ ସମ୍ପାଦକ ଭାବେ ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ରାଜ୍ୟ ସଭାପତି ମନମୋହନ ସାମଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂଗଠନ ସମ୍ପାଦକ ମାନସ ମହାନ୍ତି, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଓ ସମସ୍ତ ବରିଷ୍ଠ କାର୍ଯ୍ୟକର୍ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରଛନ୍ତି ।

# କ୍ରୀଡ଼ା ସଂସଦର ବାର୍ଷିକ ସାଧାରଣ ପରିଷଦ ବୈଠକ

କରଞ୍ଜିଆ(ନିପ୍ର) : ୧୯ ମାର୍ଚ୍ଚ କରଞ୍ଜିଆ କ୍ରୀଡା ସଂସଦ ର ୨୦୨୬ ବାର୍ଷିକ ସାଧାରଣ ପରିଷଦ ବୈଠକ ଉପ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସହକାରୀ ଉପ ଜିଲ୍ଲାପାଳ ପ୍ରକାଶ କୁମାର ଦାସ ସଭାପତିତ୍ୱ କରିଥିବା ସ୍ଥଳେ ଉପ ସଭାପତି ଡ଼ା: ଜନାର୍ଦ୍ଦନ ଚୌଧୁରୀ, ସଧାରଣ ସମ୍ପାଦକ ପ୍ରଭାକର ବାଗସିଂ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ଗୌରୀ ଶଙ୍କର ସିହ୍ନା, ତ୍ରିଲୋଚନ ମହାନ୍ତ, କାବୁଲୁ ଚନ୍ଦ୍ର ରାଉଳ ଆଦି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଗତ ବର୍ଷ ର ବାର୍ଷିକ ବିବରଣୀ, ଆୟ ବ୍ୟୟ ବିବରଣୀ, ସମାପିତ ହୋଇଥିବା କ୍ରୀଡା ସମୂହର ବିବରଣୀ ପ୍ରଦାନ କରାଯିବା ପରେ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ବିଶଦ ଆଲୋଚନା କରାଯାଇଥିଲା । ସମସ୍ତ ପ୍ରକାର ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡିକ ର ଆକଳନ ପ୍ରସ୍ତୁତ କରି ପଦକ୍ଷେପ ନେବା ନିମନ୍ତେ ସଭାପତି ପରାମର୍ଶ ପ୍ରଦାନ କରିଥିଲେ । ପଂଚାୟତ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ନିମନ୍ତେ କରଞ୍ଜିଆ ବ୍ଲକ ଉନ୍ନୟନ ଅଧିକାରୀଙ୍କ ସହଯୋଗ କାମନା କରାଯାଇଥିଲା । ଗ୍ରାମାଂଚଳ ସ୍ତରରୁ କ୍ରୀଡା ପ୍ରତିଭାବାନ ମାନଙ୍କ ଚୟନ ନିମନ୍ତେ କରଞ୍ଜିଆ ଠାରେ ଖେଳକୁଦ ଆୟୋଜନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଶେଷରେ ଟୁଟୁ ମେହେର ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା

# ଏଚ୍‌ପିଭି ଟୀକାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କଟକ(ନିପ୍ର) : ମହିଳାମାନଙ୍କୁ ମାରାତ୍ମକ ଗର୍ଭାଶୟ କର୍କଟରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଐଚଠ (Human Papillomavirus) ଟୀକାକରଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଖ୍ୟାତନାମା ପର୍ବତାରୋହୀ ସମୀରା ଖାନ ଯୋଗ ଦେଇ ସଚେତନତା ବାର୍ତା ଦେଇଛନ୍ତି । ସେ ନିଜ ବାର୍ତାରେ କହିଛନ୍ତି ଯେ, ପୁରୁଷକୈନ୍ଦ୍ରିକ ସମାଜରେ ନାରୀମାନଙ୍କୁ ମନୋବଳ ଦୃଢ କରିବା ସହ ଶାରିରୀକ ଭାବେ ସୁସ୍ଥ ରହିବା ଆବଶ୍ୟକ । ସେଥି ନିମନ୍ତେ ଗୋଟିଏ ଡୋଜ୍ ଏଚ୍‌ଆଇଭି ଟୀକା ନେଲେ ମହିଳାମାନଙ୍କୁ ବହୁପରିମାଣରେ ଗର୍ଭାଶୟ କର୍କଟରୁ ସୁରକ୍ଷା ଦିଆଯାଇ ପାରିବ । ଏହି ଅବସରରେ ଅତିରିକ୍ତ ନିର୍ଦ୍ଦେଶିକା ସିଟି ହସପିଟାଲ ଡଃ ରଞ୍ଜନା ଭଣ୍ଡାରି ଗର୍ଭାଶୟ କର୍କଟର ଲକ୍ଷଣ, ଏଚପିଭି ଟୀକା ଦ୍ୱାରା ନିରାକରଣ, ଟୀକାକାରଣର ପରବର୍ତୀ ଲକ୍ଷଣ ଗୁଡିକ ବିଷୟରେ ଅବଗତ କରାଇବା ସହ ଉପସ୍ଥିତ ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀମାନଙ୍କୁ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବାକୁ କହିଥିଲେ । କାର୍ଯ୍ୟକ୍ରମରେ ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାଢୀ କହିଛନ୍ତି ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ଆମ ସମସ୍ତଙ୍କର ପ୍ରାଥମିକତା ବୋଲି କହିବା ସହ ଅଭିଭାବକମାନେ ନିଜ ଘରେ ଥିବା ମହିଳାମାନଙ୍କୁ ଟୀକା ଦେବାକୁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ଏକ ସାଇକେଲ ରାଲିର ଆୟୋଜନ କରଯାଇ ଥିଲା । ଏଠାରେ ସୂଚନାଯୋଗ୍ୟ U-WIN ପୋର୍ଟାଲରେ ପଞ୍ଜୀକରଣ ମାଧ୍ୟମରେ ଟିକାକରଣ ସୁବିଧା ଉପଲବ୍ଧ ହେଉଛି, ଯାହା ଦ୍ୱାରା ୧୪ ବର୍ଷରୁ ଉର୍ଦ୍ଧ୍ୱ ସହଜରେ ମହିଳାମାନେ ଟିକା ନେଇପାରିବେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବବିତା ଜେନାଙ୍କ ସମେତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ ।

# ପାନୀୟ ଜଳ ପ୍ରକଳ୍ପ ଅଚଳ : ୪ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତି ଯନ୍ତ୍ରୀ

ଧାମନଗର(ନିପ୍ର) : ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନ ଓ ଠିକ୍ ସମୟରେ ବଦଳି ନିୟମକୁ ଧାମନଗର ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି । ଜଣେ ସ୍ଥାନରେ ୩ ବର୍ଷରୁ ଅଧିକ ରହିବା ଅନୁଚିତ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିବା ବେଳେ, ଧାମନଗରରେ କନିଷ୍ଠଯନ୍ତ୍ରୀ ଜସ୍ମିନି ଦାସ ଦୀର୍ଘ ୪ ବର୍ଷ ହେବ ନିଜ ପଦବୀରେ ଅଟଳ ରହିଛନ୍ତି । ରାଜନୈତିକ ପ୍ରଭାବ ଖଟାଇ ସେ ନିଜର ବଦଳି କରୁନଥିବା ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ଯନ୍ତ୍ରୀଙ୍କ ଦୀର୍ଘକାଳୀନ ଅବସ୍ଥାନ କାଳରେ ଧାମନଗର ବ୍ଲକର ବିଭିନ୍ନ ପଂଚାୟତରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ



ହୋଇପଡ଼ିଛି । ଅନେକ ସ୍ଥାନରେ ପାଣି ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ସେଥିରୁ ଲୋକଙ୍କୁ ଟୋପାଏ ପାଣି ମିଳୁନାହିଁ । ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପ ଗୁଡ଼ିକ ଅଚଳ ହୋଇ ପଡ଼ିରହିଛି । ଫଳରେ ଆଗକୁ ଖରାଦିନ ଆସୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ଅନୁସାରେ, ପାନୀୟ ଜଳ ଯୋଗାଣରେ ସୁଧାର ଆଣିବା ପରିବର୍ତେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି । କେତେକ ପୁରୁଣା ଟାଙ୍କିରେ କେବଳ ରଙ୍ଗ ମାରି ନୂଆ ପରି ଦେଖାଇ ସରକାରୀ ଅର୍ଥ ଆତ୍ମସାତ କରିବାକୁ ଯୋଜନା ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପ୍ରକୃତ ସମସ୍ୟାର ସମାଧାନ ନକରି କେବଳ ବାହ୍ୟ ଚମକ ଦେଖାଇ ବିଲ୍ ପାସ୍ କରିବାକୁ ଚକ୍ରାନ୍ତ କରାଯାଉଥିବା କୁହାଯାଉଛି । ସରକାରୀ ନିୟମ ଅନୁସାରେ ୩ ବର୍ଷରେ ବଦଳି ହେବା କଥା, କିନ୍ତୁ ୪ ବର୍ଷ ହେଲା କେଉଁ ସ୍ୱାର୍ଥରେ ଏହି ଯନ୍ତ୍ରୀ ଜଣକ ଏଠାରେ ରହିଛନ୍ତି । ଏହା ପଛରେ କେଉଁ ପ୍ରଭାବଶାଳୀ ନେତାଙ୍କ ହାତ ରହିଛି ଉଚ୍ଚ ପଦସ୍ଥ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ତଦନ୍ତ କରିବାକୁ ଦାବି ହୋଇଛି । ଯଦି ଖରାଦିନ ପୂର୍ବରୁ ପାଣି ସମସ୍ୟାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆ ଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତରାୟ ଙ୍କୁ ଟୁଇଟି ଯୋଗେ ଅଭିଯୋଗ କରା ଯାଇଥିଲା, ଘଟଣାର ତଦନ୍ତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ସାହିଯାତ-୨୦୨୬ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ(ନିପ୍ର) : ଚଳିତ ବର୍ଷ ର ପୁରୀ ର ପ୍ରସିଦ୍ଧ ସାହିଯାତ ଶ୍ରୀରାମ ନବମୀ ତିଥି ମାର୍ଚ୍ଚ ୨୭ ରୁ ଆରମ୍ଭ ହେବାକୁ ଯାଉଛି । ଏହା ଅପ୍ରେଲ ୧୨ ତାରିଖରେ ସମ୍ପୂର୍ଣ୍ଣ ହେବ ।ଆଠ ସାହି ଆଖଡା ମିଳିତ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଶ୍ରୀକ୍ଷେତ୍ର ସାହିଯାତ ର ପ୍ରସ୍ତୁତି ବୈଠକ ଗତକାଲି ସଂଧ୍ୟାରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିବା ସହ ପୁରୀର ଏହି ଗୌରବମୟ ସାଂସ୍କୃତିକ୍ ସମରକଳା ର୍ ପରମ୍ପରା ସମ୍ବଳିତ ସାହିଯାତ କୁ ପୂର୍ବ ବର୍ଷ ଅପେକ୍ଷା ଅଧିକ ଆକର୍ଷଣୀୟ ଭାବେ ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବୈଠକ ର ନିଷ୍ପତି ଅନୁସାରେ ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ସାହିଯାତ ପୂର୍ବରୁ ସମାପନ ସହ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ



ଦେଇଥିଲେ । ପରେ ବିସ୍ତୃତ ଆଲୋଚନା କରାଯାଇ ରାସ୍ତା ଘାଟ ମରାମତି, ଆଲୋକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା, ଅଗ୍ନି ଶମ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପ୍ରଚାର ପ୍ରସାର ବ୍ୟବସ୍ଥା, ଡ୍ରେନ ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ସମ୍ପର୍କରେ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଶେଷ କରି ବିଦ୍ୟୁତ ବିଭାଗ ରାସ୍ତା କ୍ରସ କରି ଓହଳି ପଡିଥିବା ବିଦ୍ୟୁତ ତାର, କେବୁଲ ତାର ଅପସାରଣ ବା ଉଚ୍ଚରେ ରଖିବା ଯାହା ଫଳରେ ମେଢ ଯିବା ଆସିବା ରେ ସମସ୍ୟା ନ ହେବ ସେଥିପାଇଁ ଯତ୍ନବାନ ହୋଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗତବର୍ଷ ସାହିଯାତ ପାଇଁ ସରକାର ୮ ସାହି ଆଖଡାକୁ ୧୬ ଲକ୍ଷ ଟଙ୍କା ପ୍ରଦାନ କରିଥିବାରୁ ସମସ୍ତ ସାହି ସଦସ୍ୟ ସରକାର ଓ ଜିଲ୍ଲାପାଳଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଥିଲେ । ଏହି ବୈଠକରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଆଠସାହି ଆଖଡା ସମନ୍ୱୟ ସମିତିର ସମ୍ପାଦକ ତଳଛୁ ନିଳକଣ୍ଠ ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଗଣେଶ ଦାସ ମହାପାତ୍ର, ଆଖଡା ମାନଙ୍କର ବରିଷ୍ଠ ସଦସ୍ୟ ଅନନ୍ତ ତିଆଡ଼ି, ଭଗବାନ ସୁଆର, ରବିନାରାୟଣ ଦାସ, ରାମଚନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ମିଶ୍ର, ରାମଚନ୍ଦ୍ର ମହାପାତ୍ର, ଯୋଗେନ୍ଦ୍ର ନାୟକ, ପୁଅ ସୁଆର, ନରେନ୍ଦ୍ର ମହାନ୍ତି, ଚକ୍ରଧର ମହାପାତ୍ରଙ୍କ, ନାରାୟଣ ମହାପାତ୍ର, ପ୍ରଫୁଲ୍ଲ ଖୁଂଟିଆ, ଲକ୍ଷ୍ମୀନାରାୟଣ ରଥ, ଦାମୋଦର ମହାପାତ୍ର, ଶ୍ୟାମ ସୁନ୍ଦର୍ ମହାପାତ୍ର, ଅନିରୁଦ୍ଧ ମହାନ୍ତି, ରଘୁନାଥ ଖୁଂଟିଆ ଆଦି ବରିଷ୍ଟ ସେବାୟତ ଓ ସାହି ନାହକ ମାନଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ର ଉପ ପ୍ରଶାସନ ରଞ୍ଜନ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଆଠ ସାହି ଆଖଡା ର ସଭାପତି, ସମ୍ପାଦକ, ଅନ୍ୟାନ୍ୟ ସଦସ୍ୟ, ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ମାର୍ଚ୍ଚ ୨୭ ତାରିଖରେ କାଳିକାଦେବୀ ସାହି ପକ୍ଷରୁ ଶ୍ରୀରାମ ଜନ୍ମ ଉତ୍ସବ ପାଳିତ ହେବ । ୨୮ ତାରିଖରେ ମାଟି ମଣ୍ଡପ ସାହି ପକ୍ଷରୁ ନିଶାଣ ଶୋଭାଯାତ୍ରା ଓ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞ ରକ୍ଷା, ୨୯ ତାରିଖରେ ହରଚଣ୍ଡୀ ସାହି ପକ୍ଷରୁ ସୀତା ବିବାହ, ୩୦ ତାରିଖରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଶ୍ରୀରାମ ବନବାସ, ଅପ୍ରେଲ ୧ ତାରିଖରେ କୁଣ୍ଡେଇ ବେଂଟ ସାହି ପକ୍ଷରୁ ମାୟା ମୃଗ, ୩ ତାରିଖରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କା ପୋଡି, ୪ ତାରିଖରେ ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା, ୫ ତାରିଖରେ ବାଲିସାହି ପକ୍ଷରୁ ରାବଣ ବଧ ଓ ୧୨ ତାରିଖରେ ଗୌଡବାଡ ସାହି ପକ୍ଷରୁ ଶ୍ରୀରାମ ଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହେବ ବୋଲି ଆଠସାହି ଆଖଡା ମିଳିତ ସମନ୍ୱୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

**AFFIDAVIT**


By virtue of an affidavit sworn before Executive Magistrate, Baliapal, dated 14.10.2025, I, Laxmidhar Behera, S/o- Mr. Panchanan Behera, aged about 52 years resident of At- Routura, Po/Via- Pratappur, Ps- Baliapal, Dist- Balasore, Pin- 756083 declare that I have changed my name from Kudu Behera to Laxmidhar Behera. Henceforth, I shall be known as Laxmidhar Behera for all purposes.

**Sd/-**
**Laxmidhar Behera**

**AFFIDAVIT**

By virtue of an affidavit sworn before Executive Magistrate, Balasore dated 24.02.2026, I, Ramesh Jana, aged about 32 years S/o- Kasinath Jana of Village- Talborai, Po- Parikhi, Ps- Sadar Balasore, Dist- Balasore, Odisha declare that I have changed my name from Rajendra Nath Jana, S/o- Kashinath Jana to Ramesh Jana, S/o- Kasinath Jana. Henceforth, I shall be known as Ramesh Jana, S/o- Kasinath Jana for all purposes.

**Sd/-**
**Ramesh Jana**





ଯାହାର ମନ ଉଦାର, ସିଏ ହିଁ ପ୍ରକୃତରେ ଉଚ୍ଚ ବଂଶ ଜାତ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି ।

# ଆଜିକାଲି



*ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥ (ଶ୍ରୀମଦ୍ ଭଗବତ୍ ଗୀତା)*

*ଭାବାର୍ଥ:ରାଗ, ହିଂସା, କାମନା ଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି ।*

## ହସ୍ପିଟାଲରେ ଅଗ୍ନିକାଣ୍ଡ

ଜୀବନଦାନକାରୀ ପବିତ୍ର ଆଶ୍ରୟ ସ୍ଥଳ ମୃତ୍ୟୁ ଯନ୍ତାରେ ପଡିବା ଠାରୁ ଅଧିକ ବିଶ୍ୱାସଘାତକତା ଏବଂ ଦାୟିତ୍ୱ ହୀନତା ଆଉ କଣ ହୋଇପାରେ । ଦେଶରେ ହସ୍ପିଟାଲଗୁଡିକରେ ଅଗ୍ନିକାଣ୍ଡ ଏବଂ ତଦ୍‌ଜନିତ ମୃତ୍ୟୁ ଏବେ ଏହିଭଳି ଯନ୍ତାରେ ପଡିଛି ବୋଲି ସ୍ପଷ୍ଟ ଭାବେ କୁହାଯାଇପାରିବ । ରାଜ୍ୟରେ ବଡ ଡାକ୍ତରଖାନା ଭାବେ ପରିଚିତ କଟକ ଶ୍ରୀରାମ ଚନ୍ଦ୍ର ଭଂଜ ମେଡିକାଲ କଲେଜ ଏବଂ ହସ୍ପିଟାଲ ଟ୍ରମା କେୟାର ୟୁନିଟରେ ଗତ ରବିବାର ଦିନ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଚିକିତ୍ସାଧୀନ ଥିବା ୧୨ଜଣ ରୋଗୀଙ୍କର ଦୁଃଖଦ ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୭ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇପଡିଛି । ରାତିରେ ରୋଗୀମାନେ ଶୋଇଥିବାବେଳେ ହଠାତ ଅଗ୍ନିକାଣ୍ଡ ଘଟିବା ଯୋଗୁଁ ବଡ ଡାକ୍ତରଖାନା ପରିସର ଚିତ୍କାର ଓ ଆତଙ୍କରେ ଥରି ଉଠିଥିଲା । ବିଦ୍ୟୁତ ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟଣା ଘଟିଥିବାବେଳେ ସମସ୍ତେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା କୁହାଯାଏ । ଜୀବନ ବଂଚାଇବା ଆଶା ନେଇ ବଡ ଡାକ୍ତରଖାନାକୁ ଧାଇଁ ଆସିଥିବା ରୋଗୀ ଶେଷରେ କର୍ତ୍ତୃପକ୍ଷଙ୍କ ଅବହେଳା ଏଂବ ଦାୟିତ୍ୱହୀନତାର ଶିକାର ହୋଇ ଜୀବନ ହରାଇଛି ବୋଲି କହିଲେ ଭୁଲ ହେବ ନାହିଁ । ଏହା ସତ୍ୟ ଯେ, କଟକ ବଡ ଡାକ୍ତରଖାନା କିମ୍ବା ଆମ ରାଜ୍ୟରେ ତଥା ଦେଶର ବିଭିନ୍ନ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣା ନୂଆ ନୁହେଁ । ବଡ ଡାକ୍ତରଖାନାରେ ଗତ ୨୦୨୪ ଜୁନ ୧୨ତାରିଖ ଦିନ ଟ୍ରମା କାଜୁଆଲିଟ୍ ଆଇସିୟୁ ବର୍ହିବିଭାଗରେ ଲାଗିଥିବା ଶୀତତାପ ଯନ୍ତ୍ର(ଏସି)ରେ ଅଗ୍ନିକାଣ୍ଡ ଘଟିଥିଲା । ସେଥିରେ କୌଣସି କ୍ଷୟକ୍ଷତି ଘଟିନଥିଲା । ସେହିପରି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ୨୦୧୬ର ଅଗ୍ନିକାଣ୍ଡ ଘଟି ଜଣେ ରୋଗୀଙ୍କର ମୃତ୍ୟୁ ଘଟିଥିଲା । ସେହି ୨୦୧୬ ଅକ୍ଟୋବର ୧୭ତାରିଖ ସନ୍ଧ୍ୟାରେ ବେସରକାରୀ ସମ୍ ହସପିଟାଲ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୧ଜଣଙ୍କର ମୃତ୍ୟୁ ଘଟିଥିଲା । ଯାହାକି ରାଜ୍ୟରେ ସବୁଠାରୁ ଭୟଙ୍କର ହସପିଟାଲ୍ ଟ୍ରାଜେଡି ଥିଲା । କେବଳ ଆମ ରାଜ୍ୟ ନୁହେଁ, ଦିଲ୍ଲୀ, ରାଜସ୍ଥାନ, ମଧ୍ୟପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରେ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ବହୁ ଜୀବନ ହାନୀ ଘଟିଥିବା ନଜୀର ରହିଛି । ଗତବର୍ଷ ନଭେମ୍ବର ୧୫ରେ ଉତରପ୍ରଦେଶର ଥନାସସ୍ଥିତ ମହାରାଣୀ ଲକ୍ଷ୍ମୀବାଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୭ଜଣ ନବଜାତ ଏବଂ ଦଲ୍ଲୀର ଏକ ଘରୋଇ ହସ୍ପିଟାଲରେ ୭ଜଣ ନବଜାତକଙ୍କ ମୃତ୍ୟୁ ଘଟିଥିଲା । ଦେଶରେ ହସ୍ପିଟାଲଗୁଡିକରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିବା ସତ୍ୱେ ସରକାର ଏଥିପ୍ରତି କମ୍ ଧ୍ୟାନ ଦେଉଥିବା କୁହାଯାଇପାରେ । ଯାହାର ପରିଣତି ସ୍ୱରୁପ ଦେଶରେ ବାରମ୍ବାର ଦୁଃଖଦ ଘଟଣାର ପୁନରାବୃତି ଘଟିବାରେ ଲାଗିଛ, ଯାହାକି ଅତ୍ୟନ୍ତ ଚିନ୍ତାଜନକ । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ଚିକିତ୍ସା କ୍ଷେତ୍ରରେ ପ୍ରାଣକେନ୍ଦ୍ର ଭାବେ ପରିଚିତ କଟକ ବଡ ଡାକ୍ତରଖାନାକୁ ବିଶ୍ୱସ୍ତରୀୟ କରିବା ପାଇଁ ନିର୍ମାଣ ଓ ସଂପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ଅଗ୍ନିକାଣ୍ଡରେ ୧୨ଜଣଙ୍କ ମୃତ୍ୟୁ ଘଟଣା ଏକ କଳଙ୍କିତ ଘଟଣା ହୋଇଛି । ରାଜ୍ୟ ସରକାର ଏହି ଦୁଃଖଦ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ତଦନ୍ତ କରିବେ । ସେହିପରି ମୃତକଙ୍କ ପାଇଁ ୨୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହା ସତ୍ୟ ଯେ, ହସ୍ପିଟାଲରେ ଦୁର୍ଘଟଣା ପରେ କ୍ଷତିପୂରଣ ପ୍ରଦାନ କରାଯାଏ, ତଦନ୍ତ ନିର୍ଦ୍ଦେଶ ଦିଆଯାଏ । କିଛି ଦିନ ପରେ ସମସ୍ତେ ଭୁଲିଯାଆନ୍ତି । ପୁନର୍ବାର ଘଟଣା ଘଟିଥାଏ । ଯଦି ହସ୍ପିଟାଲରେ ନିୟମିତ ବିଦ୍ୟୁତ ସଂଯୋଗ ସ୍ଥଳିଗୁଡିକ ଅନୁଧ୍ୟାନ କରାଯାଇଥାନ୍ତା, ତେବେ ଏଭଳି ଘଟଣା ଘଟି ନଥାନ୍ତା । ସେହିପରି ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ କଡାକଡି କରାଯିବା ଜରୁରୀ । ଲୋକଙ୍କ ସ୍ୱାସ୍ଥ୍ୟର ଆସ୍ଥା ଓ ବିଶ୍ୱାସର କ୍ଷେତ୍ର ହସ୍ପିଟାଲ ସରକାରୀ କିମ୍ବା ବେସରକାରୀ ହେଉ ସୁରକ୍ଷା ବ୍ୟବସ୍ଥାକୁ କୌଣସି କ୍ଷେତ୍ରରେ ଢିଲା କରାଯିବା ଉଚିତ ନୁହେଁ । ଏହି ଘଟଣାରେ କର୍ତ୍ତୃପକ୍ଷ ଏବଂ ସରକାର କିଛି ଶିକ୍ଷା କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ଆମର ଆଶା ।

ପ୍ରତିବର୍ଷ ମାର୍ଚ୍ଚ ୨୦ରେ ପୃଥିବୀବାସୀ ପାଳନ କରନ୍ତି ବିଶ୍ୱ ଘରଚଟିଆ ଦିବସ । ଘରଚଟିଆଙ୍କ ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ନିଃସ୍ୱାର୍ଥପର ଉଦ୍ୟମକୁ ଉତ୍ସାହିତ କରିବାକୁ ଏନ୍‌ଏଫ୍‌ଏସ୍ ଦ୍ୱାରା ୨୦୧୧ ମାର୍ଚ୍ଚ ୨୦ ରେ ଅହମ୍ମଦାବାଦ ଠାରେ ପ୍ରଥମ ଥର ଘରଚଟିଆ ପୁରସ୍କାର ସମାରୋହ ପାଳନ କରା ଯାଇଥିଲା । ପରବର୍ତୀ ସମୟରେ ଏହି ପରିପ୍ରେକ୍ଷୀରେ ବିଭିନ୍ନ ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନକୁ ପୁରସ୍କୃତ କରାଯାଉଛି । ସହରୀକରଣ ତଥା ଜୀବନଚର୍ଯ୍ୟାରେ ପରିବର୍ତନ ଯୋଗୁଁ ଘରଚଟିଆଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଘରଚଟିଆ ତଥା ଅନ୍ୟାନ୍ୟ ବିଲୁପ୍ତପ୍ରାୟ ସାଧାରଣ ପକ୍ଷୀଙ୍କର ସୁରକ୍ଷା ନିମନ୍ତେ ସର୍ବସାଧାରଣରେ ସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଥାଏ ।

## ଘରକୁ ଫେରୁଛି ଘର ଚଟିଆ

◆ ଯୁଧିଷ୍ଠିର ମହାରଣା



ବିଶ୍ୱ ଘର ଚଟିଆ ଦିବସ

ଘରଚଟିଆ । ଆକାରରେ ଛୋଟ । କିନ୍ତୁ ପରିବେଶ ଏବଂ ମାନବ ସମାଜ ପାଇଁ ଅନେକ ବଡ଼ ବଡ଼ କାମ କରିଥାନ୍ତି ସେମାନେ । ଦିନ ଥିଲା କିଚିରି ମିଚିରି ଶବ୍ଦରେ ସକାଳଟା ଯେମିତି ଫାଟି ପଡୁଥିଲା । ମଣିଷ ସହ ସାଥି ହୋଇ ରହୁଥିଲେ । ହେଲେ ପରିବର୍ତିତ ପରିବେଶ ଯୋଗୁଁ ଏମାନେ ଯେମିତି କୁଆନେ ଉଭେଇ ଯାଇଥିଲେ । ମାନବ ମାନସ ପଟରୁ ଲିଭି ଯାଇ ଥିଲେ । ଏବେ କିନ୍ତୁ ପୁଣି ଥରେ ଘରଚଟିଆଙ୍କୁ ଘର ଆଗରେ ଦେଖିବାକୁ ମିଳୁଛି । ଓଡ଼ିଶାରେ ଘରଚଟିଆଙ୍କ ସୁରକ୍ଷା ପାଇଁ ଇତିମଧ୍ୟରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏହାର ସୁରକ୍ଷା ପାଇଁ ବ୍ୟକ୍ତିନିଷ୍ଠ ଭାବେ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ଯାହା ଖୁସିର କଥା । ୨୦୧୧ରେ ପ୍ରଥମ ଘରଚଟିଆ ସୁରକ୍ଷା ଉଦ୍ୟମ ଆରମ୍ଭ ହୋଇଥିଲା । ଗୁଣ୍ଡୁବନ୍ଧ ଏବଂ ଏହାର ଆଖପାଖ ଗ୍ରାମର କେତେକ ଉତ୍ସାହୀ ଯୁବକ ଗଠନ କରିଥିଲେ ଆଂଚଳିକ ବିକାଶ ପରିଷଦ । ବ୍ରହ୍ମପୁର ସହର ଉପକଣ୍ଠ ଯଥା ବାଘମାରି, ବିରିବାଡ଼ିଆ, ଗୁଣ୍ଡୁବନ୍ଧ, ଲାଞ୍ଜିଆ, ବାଳକୃଷ୍ଣପୁର, ନିମଖଣ୍ଡି ଏବଂ ଗଞ୍ଜାମ ବ୍ଲକର ଗୋଖରକୁଦା ଏବଂ ଅନ୍ୟାନ୍ୟ ଅଂଚଳ ବାସୀଙ୍କ ଯୋଗୁଁ ଘରଚଟିଆଙ୍କ ସଂରକ୍ଷଣ ଏବଂ ବଂଶରକ୍ଷା ହୋଇପାରିଛି । ପରିବେଶ ଓ ମାନବ ସମାଜ ପାଇଁ ଘରଚଟିଆଙ୍କ ଅବଦାନ ଅଶେଷ ରହିଥିଲେ ମଧ୍ୟ କାଳକ୍ରମେ ଏମାନେ ଏକ ପ୍ରକାର ଲୋପ ହୋଇ ଯାଇଥିଲେ । ଏଣୁ ପରିଷଦ ତରଫରୁ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଥିଲା । ପ୍ରଥମ ସମସ୍ୟା ଥିଲା ଘରଚଟିଆଙ୍କ ବାସସ୍ଥାନର ଅଭାବ । ସେଥିପାଇଁ ପରିଷଦର ଯୁବକମାନେ ହାତରେ ମାଟି, ଲାଉ, ପ୍ଲାଏ ଉଡରେ କୃତ୍ରିମ ବସା ତିଆରି କରିଥିଲେ । ଏଗୁଡ଼ିକୁ ଗ୍ରାମବାସୀଙ୍କ ମଧ୍ୟରେ ବଂଚା ଯାଇଥିଲା । ବର୍ତମାନ ସୁଦ୍ଧା ମାଟିରେ ତିଆରି ୩୦ଟି ବସା ସହ ଲାଉରେ ୩୦ଟି, ପ୍ଲାଏଉଡରେ ନିର୍ମିତ ୧୨୦ଟି ବସା ବଂଚାଯାଇଛି । ସେହିଭଳି ଖାଦ୍ୟ ଦେବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ୩୦ଟି ବକ୍ସ ମଧ୍ୟ ପ୍ରଦାନ କରାଯାଇଛି । ବାସସ୍ଥାନ ସହ ଖାଦ୍ୟ ଉପଲବ୍ଧ ହେବା ପରେ ଘରଚଟିଆଙ୍କ ସଂଖ୍ୟା ବଢ଼ିଛି । ବିରିବାଡ଼ିଆ ଗ୍ରାମରେ ପୂର୍ବରୁ ୧୦ଟି ଘରଚଟିଆ ଥିବାବେଳେ ବର୍ତମାନ ସଂଖ୍ୟା ଶହେ ଟପିଲାଣି । ସେହିଭଳି ଲାଞ୍ଜିଆରେ ୨ରୁ ୬୦କୁ, ବାଘଝରିଆରେ ୨୦ରୁ ୨ଶହ, ବାଳକୃଷ୍ଣପୁରରେ ୫ରୁ ୩୦କୁ ଏବଂ ଧର୍ମନଗରରେ ୧୫ରୁ ୫୦କୁ ସଂଖ୍ୟା ବୃଦ୍ଧି ହୋଇଛି । ଗୁଣ୍ଡୁବନ୍ଧ ଗ୍ରାମରେ ଆଦୌ ନଥିଲେ । ବର୍ତମାନ ଏଠାରେ ପାଖାପାଖି ୫୦ଟି ଘରଚଟିଆ ରହିଛନ୍ତି । ପରିଷଦ ତରଫରୁ ନିୟମିତ ଗ୍ରାମଗୁଡ଼ିକୁ ଯାଇ ଘରଚଟିଆଙ୍କ ସୁବିଧା ଅସୁବିଧା ସମ୍ପର୍କରେ ସମୀକ୍ଷା କରାଯିବା ସହ ସଂରକ୍ଷଣ କରିଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । ଲାଞ୍ଜିଆ ଗ୍ରାମର ନବୀନ ଗୌଡ଼ କୁହନ୍ତି, ପ୍ରଥମେ ସେ ପରିଷଦ ତରଫରୁ ୬ଟି ବସା ପାଇବା ପରେ ସଂରକ୍ଷଣ ଆରମ୍ଭ କରିଥିଲେ । ଘରଚଟିଆଙ୍କ ସଂଖ୍ୟା ବଢ଼ିଲା । ଏଣୁ ସେ ଏବେ ନିଜେ ବସା ବନାଇବା ସହ ଅନ୍ୟକୁ ବାଂ*ଛନ୍ତି । ଗଞ୍ଜାମ ଜିଲ୍ଲାରେ ଧାନ ଏବଂ ମାଣ୍ଡିଆର ଉତ୍ପାଦନ ପ୍ରଚୁର ଥିବା ଯୋଗୁଁ ପୂର୍ବରୁ ଘରଚଟିଆଙ୍କ ଉପସ୍ଥିତି ଦେଖିବାକୁ ମିଳୁଥିଲା । ହେଲେ ପରିବେଶ ପରିବର୍ତନ ଏବଂ ମୋବାଇଲ ଟାୱାର ସହ ଅନ୍ୟାନ୍ୟ କାରଣରୁ ସଂଖ୍ୟା କମିଗଲା । ବର୍ତମାନ ଅନେକ ଗ୍ରାମରେ ଲୋକମାନେ ନିଜସ୍ୱ ଉଦ୍ୟମରେ ଘରଚଟିଆ ସଂରକ୍ଷଣ କରୁଛନ୍ତି । ଘରଚଟିଆ ଏକ ନିରୀହ ପକ୍ଷୀ ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି ଜଳବାୟୁ, ଜୈବିକମଣ୍ଡଳ ଓ ପ୍ରକୃତି ସହ ଏହା ଏକ ସୁସମ୍ପର୍କ ତିଆରି କରିଥାଏ । ଅନେକ ଆନ୍ତର୍ଜାତିକ ସ୍ତରର ସଙ୍ଗଠନ ଏମାନଙ୍କର ସୁରକ୍ଷା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଭାରତର ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତରାଖଣ୍ଡ ପରି ରାଜ୍ୟରେ ସରକାରୀ ସ୍ତରରେ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯଦିଓ ଓଡ଼ିଶାରେ ସରକାରୀ ସ୍ତରରେ ଘରଚଟିଆ ମାନଙ୍କ ସୁରକ୍ଷା ପାଇଁ ସେପରି କୌଣସି ସରକାରୀ କାର୍ଯ୍ୟକ୍ରମ ବା ଯୋଜନା ପ୍ରସ୍ତୁତ କରା ଯାଇନାହିଁ କିନ୍ତୁ ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି । ଆସନ୍ତୁ ବିଶ୍ୱ ଘରଚଟିଆ ଦିବସ ଅବସରରେ ଏହି ନିରୀହ ସର୍ବାଙ୍ଗୀନ ସୁରକ୍ଷା କରି ପ୍ରାକୃତିକ ଭାବରେ ଜୈବମଣ୍ଡଳ ଭାରସାମ୍ୟ ରକ୍ଷା କରୁଥିବା ସୁନ୍ଦର ଚଢ଼େଇଟିର ସୁରକ୍ଷା ପାଇଁ କିଛି ଦାୟିତ୍ୱ ନିର୍ବାହ କରିବା ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮*

## ପ୍ରଥମ ଡିକାଥଲନ୍ ବିଜେତା : ନନ୍ଦକୃଷ୍ଣ ଦାସ

ଜନ୍ମ ତିଥି ଅବସରରେ

◆ ଗୋପୀନାଥ ଦାଶ

ଯାହାକୁ ଆଜି ଆମେ କହୁଛେ ନେସନାଲ ଗେମ୍‌ସ ବା ଜାତୀୟ କ୍ରୀଡ଼ା ଏକଦା କୁହାଯାଉଥିଲା ଇଣ୍ଡିଆନ୍ ଅଲିମ୍ପିକ ଗେମ୍‌ସ । ୧୯୫୦ ରେ ତତ୍କାଳୀନ ବମ୍ବେରେ ଅନୁଷ୍ଠିତ ଚତୁର୍ଦ୍ଦଶ ଇଣ୍ଡିଆନ ଅଲିମ୍ପିକ୍‌ରେ ଭାଗନେଇ ଡିକାଥଲନ୍ ରେ ସ୍ୱର୍ଣ୍ଣ ପଦକ ଜିଣିଥିଲେ ନନ୍ଦକୃଷ୍ଣ ଦାସ । ଅଦ୍ୟାବଧି ଏହି ସମ୍ମାନ ହାସଲ କରିଥିବା ଏକମାତ୍ର ଓଡ଼ିଆ ହେଉଛନ୍ତି ସେ । ବିଦ୍ୟାଳୟରେ ପଢ଼ିବା ବେଳୁ ସେଥିଲେ ଉଜ୍ଜ୍ୱଳ କ୍ରୀଡ଼ାବିତ୍ । ୧୯୩୮ରେ ରେଭେନ୍ସା ମହାବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ ପଢ଼ିବା ବେଳକୁ କ୍ରୀଡ଼ା ଦୁନିଆରେ ସେ ପ୍ରସିଦ୍ଧ ହୋଇସାରିଥିଲେ । ୧୯୪୧ରେ ସେ ଓଡ଼ିଶା ପୁଲିସ ବାହିନୀରେ ଯୋଗ ଦେଇଥିଲେ । ଏହି ବିଭାଗରେ ସେ ବହୁ ବର୍ଷ ନିଜର କ୍ରୀଡ଼ା ଦକ୍ଷତା ଦେଖାଇବାରେ ସଫଳ ହୋଇଥିଲେ । ନିଜ ଅସାଧାରଣ କ୍ରୀଡ଼ା ଦକ୍ଷତା ପାଇଁ ସେ ଅନେକଥର ସମ୍ବର୍ଦ୍ଧିତ ଓ ପୁରସ୍କୃତ ହେବା ସହ ପୋଲିସ ଟ୍ରଫିରେ ସମ୍ମାନିତ ହୋଇ ଓଡ଼ିଶା ପୋଲିସକୁ ଗୌରବ ବିମଣ୍ଡିତ କରିଥିଲେ । ଓଡ଼ିଶା ପୁଲିସରୁ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ ବା ସିଆର୍‌ପିଏଫ୍ । ତାହା ପରେ ରାଜ୍ୟ ସରକାରଙ୍କ ଶିକ୍ଷା ଓ କ୍ରୀଡ଼ା ବିଭାଗୀୟ ଡେପୁଟି ସେକ୍ରେଟରୀ । ଶେଷରେ ପୁଣିଥରେ ରାଜ୍ୟ ପୁଲିସ ବିଭାଗ । ୧୯୭୮ରେ ସେ ଅବସର ଗ୍ରହଣ କରିଥିଲେ । ନନ୍ଦକୃଷ୍ଣ ଦକ୍ଷ କ୍ରୀଡ଼ାବିତ୍ ସଙ୍ଗକୁ ଥିଲେ ପ୍ରଶିକ୍ଷକ । ତାଙ୍କଠାରୁ ପ୍ରଶିକ୍ଷଣ ପାଇଁ ଉଷାରାଣୀ ମିଶ୍ର, ଜ୍ୟୋତି ମିତ୍ର, ସତୀକାନ୍ତ ଘୋଷ, ଶେଖ ଗୁଲଜାର ଆଜି ଆଥ୍‌ଲେଟ୍ ଦୁନିଆରେ ପ୍ରସିଦ୍ଧ ହୋଇଥିଲେ । ଦିଲ୍ଲୀରେ ବେଶ୍ କିଛି ବର୍ଷ ରହି, ସେ ଆଥ୍‌ଲେଟିକ୍ କୋଚ ଭାବେ ନାମ କମାଇ ଥିଲେ । ସେ ବଣ ମଲ୍ଲୀ ପରି ପ୍ରତିଭାବାନ କ୍ରୀଡ଼ା ପ୍ରତିଭାଧାରୀ ମାନଙ୍କୁ ବ୍ୟକ୍ତିଗତ ଭାବରେ ସାହାଯ୍ୟ ସହଯୋଗ ପ୍ରଦାନ କରି ସେମାନଙ୍କ କ୍ରୀଡ଼ା ନୈପୁଣ୍ୟତାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବାର ସୁଯୋଗ ଦେଇଛନ୍ତି । ଆଜିର ସମୟରେ ଅନେକ କ୍ରୀଡ଼ା ପ୍ରତିଭାଧାର ମାନେ ତାଙ୍କରି ହାତ ତିଆରି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ ସମୟରେ ରାଜ୍ୟରେ କ୍ରୀଡ଼ାର ଉଲ୍ଲେଖନୀୟ ବିକାଶ ହୋଇ ଥିଲା । ୧୯୨୦ ମାର୍ଚ୍ଚ ଆଜିର ଦିନରେ ଜନ୍ମ ହୋଇ ଥିଲେ । ଏହି ପ୍ରସିଦ୍ଧ କ୍ରୀଡ଼ାବିତ୍ ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, : ୮୮୯୫୨୯୬୧୬୭*

## ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ

ଆଜି ସମ୍ବଲପୁରର ବାନ୍ଧକଳା ବିଖ୍ୟାତ ହୋଇଛି କେବଳ ଓଡ଼ିଶା ବା ଭାରତ ନୁହେଁ ବିଶ୍ୱସ୍ତରରେ ସର୍ବୋପରି ବିଶ୍ୱ ବଜାରରେ ଏହା କେବଳ ଓଡ଼ିଆ ମାନଙ୍କର ନୁହେଁ ବିଦେଶୀ ମାନଙ୍କର ପ୍ରିୟତା ପାଇଛି । ଓଡ଼ିଶା ସରକାର ମଧ୍ୟ ବାନ୍ଧ କଳାକୁ ପ୍ରୋତ୍ସାହନ ଦେଲାପରେ ଏହାର କାରିଗରମାନେ ସେମାନଙ୍କ ଏହି ବୃତିଗତ ଦକ୍ଷତାକୁ ଶ୍ରେଷ୍ଠତା ପ୍ରତିପାଦିତ କରିବା ସହ ଓଡ଼ିଶାର ସୁନାମ ମଧ୍ୟ ବଢ଼ାଇବାରେ ସମର୍ଥ ହୋଇଛନ୍ତି । ତେବେ ଅନେକ ହୁଏତ ଜାଣିନଥିବେ ସମ୍ବଲପୁରୀ ବାନ୍ଧକଳାକୁ ବିଶ୍ୱ ଦରବାରରେ ପ୍ରସିଦ୍ଧ କରାଇଥିଲେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ । ଘରୋଇ ଟ୍ୟୁସନ ଥିଲା, ତାଙ୍କର ପ୍ରଥମ ବୃତି । ସମ୍ବଲପୁରରୁ ବୃତିଗତ ଜୀବନର ଆରମ୍ଭ । ତାହା ପରେ ବରଗଡ଼ । ଟ୍ୟୁସନ କରି ଚଳୁ ଥିବାରୁ ଏକଦା ଲୋକମୁଖରେ ସେ ଥିଲେ କୃତାର୍ଥ ମାଷ୍ଟର । ଅଠେଇଶ ବର୍ଷ ବୟସରେ ସେ ନିଜକୁ ଖଦି ବୁଣା କାମରେ ନିୟୋଜିତ କରିଥିଲେ । ଖଦି ଦୋକାନରୁ ଖଦି ଆନ୍ଦୋଳନ । ତାହାପରେ ଖଦି ସୂତା ରଙ୍ଗ କରିବା କାର୍ଯ୍ୟ । ସେ ପ୍ରଥମେ ବରଗଡ଼ରେ ଏକ ଖଦି ବୁଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ତେବେ ବ୍ୟବସାୟରୁ ଲାଭ ନ ମିଳିବାରୁ, ଶାଢ଼ି ବୁଣା ପ୍ରତି ଆଗ୍ରହୀ ହୋଇଥିଲେ । ତାଙ୍କ ସମୟରେ ପଶ୍ଚିମ ଓଡ଼ିଶାର ମହିଳାମାନେ ମିଲ୍ ବୁଣା ଶାଢ଼ି ପିନ୍ଧୁ ନଥିଲେ । କୁଷ୍ଟା, ଭୁଲିଆ, କୁଲି ଆଦି ସଂପ୍ରଦାୟର ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ତନ୍ତ ଶାଢ଼ି ହିଁ ପିନ୍ଧୁଥିଲେ । ବୁଣାକାରମାନଙ୍କ ଠାରୁ ଶାଢ଼ି କିଣି ସେ ପ୍ରତିଷ୍ଠା କରିଥିଲେ ସମ୍ବଲପୁରୀ ବସ୍ତ୍ରାଳୟ । ତାହା ୧୯୩୩ର କଥା । କ୍ରମଶଃ ବ୍ୟବସାୟ ବଢ଼ିଲା ଏବଂ କୃତାର୍ଥ, ତୋରା ଗ୍ରାମରେ ଲୁଗା ବୁଣା କେନ୍ଦ୍ର ଖୋଲିଲେ । ଏହିଠାରୁ ଆରମ୍ଭ ହୋଇଥିଲା ସମ୍ବଲପୁରୀ ବସ୍ତ୍ରାଳୟର ନିଜସ୍ୱ ଲୁଗା ବୁଣା । ସୂତା ରଙ୍ଗ କରିବା କାର୍ଯ୍ୟ ତୁଲାଉଥିଲେ ପତ୍ନୀ ଚଂଚଳା ଦେବୀ । ସମ୍ବଲପୁରୀ ବସ୍ତ୍ରାଳୟ ଖୁବ୍ କମ୍ ଦିନ ମଧ୍ୟରେ ଜନପ୍ରିୟ ହୋଇଉଠିଥିଲା । ୧୯୫୪ରେ ସେ ଏହି ଅନୁଷ୍ଠାନରୁ ଏକ ସମବାୟ ସଂସ୍ଥାରେ ପରିଣତ କରିଥିଲେ । ତାଙ୍କ ଉଦ୍ୟମରେ ସୋନପୁରରେ ମଧ୍ୟ ବାନ୍ଧକଳା ନବ ରୂପ ପାଇଥିଲା । ଏସବୁ ଅବଦାନ ପାଇଁ ୧୯୪୫ରେ ସେ ପାଇଥିଲେ, ରାୟ ବାହାଦୂର ଉପାଧି, ୧୯୬୫ରେ ପଦ୍ମଶ୍ରୀ, ୧୯୭୫ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍‌ଟରେଟ୍ । ୧୯୦୦ ମାର୍ଚ୍ଚ ୨୦ ତାରିଖ ଦିନ ବରଗଡ଼ ଅନ୍ତର୍ଗତ ଦବ୍‌ତାଟିକିରାରେ ସେ ଜନ୍ମ ଗ୍ରହାଣ କରିଥିଲେ ।



## ମହିଳାଙ୍କ ଖରାଦିନିଆ ଚର୍ମରୋଗ

◆ ପ୍ରଫେସର ଡାକ୍ତର ବିନୋଦିନୀ ବେହେରା



ଖରାର ତାତି ବଢ଼ିଲାଣି । ଖରାର ପ୍ରକୋପ ଯେଉଁପରି ଭାବରେ ବୃଦ୍ଧି ପାଉଛି ସକାଳ ସମୟ ଓ ରାତି ସମୟର ଶୀତଳତା ଏହା ପାଇଁ ଯଥେଷ୍ଟ ହେଉନାହିଁ । ଟାଣ ଖରା ବ୍ୟତୀତ ଗୁଳୁଗୁଳି ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ତେବେ ଦେଖାଯାଏ ଖରାଦିନରେ ମହିଳାମାନେ କାମଦାମରେ ବ୍ୟସ୍ତ ରହୁଥିବାରୁ ସେମାନେ ବେଶୀ ଅସ୍ୱସ୍ତିବୋଧ ଅନୁଭବ କରନ୍ତି । ପ୍ରାୟତଃ ଘରର ସବୁକାମରେ ମହିଳାମାନଙ୍କୁ ବ୍ୟସ୍ତ ରହିବାକୁ ପଡୁଥିବାରୁ କେବଳ ଘରର ଗୃହିଣୀମାନେ ନୁହଁନ୍ତି ଶ୍ରମଜିବୀ, କର୍ମଜିବୀ ଓ ପାଠପଢୁଥିବା ଝିଅମାନେ ମଧ୍ୟ ଖରାର ତାତିରେ ନିଜକୁ ଅଭ୍ୟସ୍ତ କରିପାରନ୍ତି ନାହିଁ । ଦେଖାଯାଏ ଖରାଦିନରେ ବିଭିନ୍ନ ପ୍ରକାର ଚର୍ମ ରୋଗକୁ ମହିଳାମାନେ ସମ୍ମୁଖୀନ ହୋଇଥାନ୍ତି । ଚର୍ମରୋଗ ହେଉଛି ଖରାଦିନ ପାଇଁ ସବୁଠାରୁ ଅସ୍ୱସ୍ତିକର ରୋଗ । ମହିଳମାନେ ବେଶୀ ସମୟ କାମରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କ ଦେହରୁ ଅଧିକ ଝାଳ ବାହାରିଥାଏ । ସେହିପରି ଖରାଦିନରେ ଘମିର ଏକ ସାଧାରଣ କଥା । ତେବେ ଜଣେ ଜଣେ ଘମିରରେ ଏତେ ମାତ୍ରାରେ ଆକ୍ରାନ୍ତ ହୋଇ ଯାଆନ୍ତି ଯେ, ତାଙ୍କ ଶରୀରରେ ନାଲି ଚିହ୍ନ ହୋଇ ଫୋଟକା ପରି ବାହାରକୁ ଜଣାପଡ଼େ । ଏହାର ଚିକିତ୍ସା ନକଲେ ପରବର୍ତୀ ସମୟରେ ବିଷାକ୍ତ ଘାର ରୂପ ନେଇଥାଏ । ଖରାଦିନରେ ମହିଳାମାନଙ୍କ ସାଧାରଣ ଚର୍ମରୋଗ ଭିତରେ ଘମିରକୁ ଛାଡ଼ିଲେ ବ୍ରଣ, ଫୋଟକା, ଦେହର ବିଭିନ୍ନ ସ୍ଥାନରେ କୁଣ୍ଡିଆ ଓ କାଛୁ ମଧ୍ୟ ହୋଇଥାଏ । ପବନର ସଂସ୍ପର୍ଶରେ ଏହି ଚର୍ମରୋଗ ସ୍ୱାଭାବିକ ଭାବରେ ଅନ୍ୟମାନଙ୍କ ଦେହକୁ ମଧ୍ୟ ଖୁବ୍ ସହଜରେ ସଂକ୍ରମିତ ହୋଇଥାଏ । ମହିଳାମାନେ ସଦାସର୍ବଦା ଶରୀରକୁ ପୂର୍ଣ୍ଣକରି ଲୁଗାପଟା ପିନ୍ଧୁଥିବାରୁ ପବନ ବିଶେଷକରି ସେମାନଙ୍କ ଶରୀରକୁ ସତେଜ ପରି ସ୍ପର୍ଶ କରିନଥାଏ । ସେହିପରି ଦେଖାଯାଏ ପରିବାରର ଜଣକୁ ଚର୍ମରୋଗ ହେଲେ ତାହା ଅନ୍ୟମାନଙ୍କୁ ସଂକ୍ରମିତ ହେବାର ସମ୍ଭବନା ବି ରହିଥାଏ । ସମ୍ପ୍ରତି ମହିଳା ଓ ଯୁବତୀମାନେ ସୌନ୍ଦର୍ଯ୍ୟ ପ୍ରତି ସଚେତନ ରହୁଥିବାରୁ ଖରାଦିନରେ ସାମାନ୍ୟ ସଚେତନ ଅଭାବରୁ ବିଭିନ୍ନ ଚର୍ମରୋଗର ଆଶଙ୍କା ରହିଥାଏ । ପ୍ରଶାଧାନ ସାମଗ୍ରୀର ସଠିକ୍ ଯତ୍ନ ନନେଲେ ଏବଂ ନିର୍ଦ୍ଦିଷ୍ଟ ଅନୁପାତରେ ସଠିକ୍ ଭାବରେ ବ୍ୟବହାର ନକଲେ ଏହା ଚର୍ମରୋଗର କାରଣ ହୋଇଥାଏ । ଅନେକ କ୍ଷେତ୍ରରେ ଦେଖାଯାଇଥାଏ ଖରାଦିନର ଶେଷ ଆଡ଼କୁ ହାଡଫୁଟି ମଧ୍ୟ ଅନେକଙ୍କୁ ଆକ୍ରାନ୍ତ କରିଥାଏ । ମୃତ୍ୟୁବତ୍ ଯନ୍ତ୍ରଣା ଦେଉଥିବା ହାଡ଼ଫୁଟି ହେଉଛି ଯନ୍ତ୍ରଣାଦାୟକ ଚର୍ମରୋଗ କହିଲେ ଅତ୍ୟୁକ୍ତି ହେବନାହିଁ । ମହିଳାମାନଙ୍କର ଚର୍ମରୋଗ କ୍ଷେତ୍ରରେ ଅଧିକାଂଶ କ୍ଷେତ୍ରରେ ଦେଖାଯାଇଥାଏ ସଚେତନତା ଅଭାବରୁ ଏହି ରୋଗକୁ ପ୍ରକାରାନ୍ତରେ ଆମନ୍ତ୍ରଣ କରିଥାନ୍ତି । ପରିବାରରେ ମହିଳମାନେ ସଦାସର୍ବଦା କାମରେ ବ୍ୟସ୍ତ ରହୁଥିବା ଭିତରେ ନିଜ ଶରୀରର ଯତ୍ନ ନେବାକୁ ପ୍ରାୟତଃ ଅବହେଳା କରିଥାନ୍ତି । ପ୍ରାରମ୍ଭିକ ସମୟରେ କୌଣସି ତୁଟ୍‌ଟୁକା ବା ଘରୋଇ ଚିକିତ୍ସା ଉପରେ ନିର୍ଭରଶୀଳ ହୋଇ ଚର୍ମରୋଗ ଯନ୍ତ୍ରଣାଦାୟକ ହେଲାବେଳକୁ ଚର୍ମ ବିଶେଷଜ୍ଞଙ୍କୁ ସାକ୍ଷାତ କରିଥାନ୍ତି । ଚର୍ମରୋଗର ମୁଖ୍ୟ ବାହକ ହେଉଛି ପବନ ଓ ପାଣି । ଦ୍ୱିତୀୟ ବାହକ ହେଉଛି ଜଣେ ସୁସ୍ଥ ଲୋକ ଚର୍ମରୋଗୀର ସଂସ୍ପର୍ଶରେ ଆସିଲା ମାତ୍ରେ ଏହା ସଂକ୍ରମିତ ହୋଇଥାଏ । ଘମିର କଥା ଦେଖନ୍ତୁ । ଘମିର ହେଉଛି ଏକ ପ୍ରକାର ଦେହର ଝାଳରୁ ସୃଷ୍ଟି ହେଉଥିବା ଚର୍ମରୋଗ । ଅବଶ୍ୟ ଘମିର ଏବେ ସାଧାରଣ କଥାରେ ପରିଣତ ହୋଇଗଲାଣି । କିନ୍ତୁ ଖରାଦିନରେ କାଛୁବା କୁଣ୍ଡିଆ ଏବଂ କେତେକ କ୍ଷେତ୍ରରେ ମହିଳାଙ୍କୁ ବିଙ୍ଗଂ୍ ପରି ଯାଦୁରା ରୋଗ ହୋଇଥାଏ । ଏହି ରୋଗ ଆଦିବାସୀ ଓ ଗ୍ରାମାଂଚଳର ମହିଳାମାନଙ୍କୁ ବିଶେଷ ଭାବରେ ଆକ୍ରାନ୍ତ କରିଥାଏ । ଚର୍ମରୋଗ କ୍ଷେତ୍ରରେ ଦେଖାଯାଏ ଲୋକ ଚିକିତ୍ସା ପ୍ରଣାଳୀକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ସଚେତନତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥାନ୍ତି । ମହିଳାମାନଙ୍କ କ୍ଷେତ୍ରରେ ଦେଖାଯାଇଥାଏ ସେମାନେ ରୋଗଟିକୁ ଯଥେଷ୍ଟ ଭାବରେ ବଢ଼ାଇ ସାରିଲା ପରେ ଡାକ୍ତରଖାନା ଆସିଥାନ୍ତି । ଘରର କାମ ଓ ଦାୟିତ୍ୱ ଭିତରେ ମହିଳାମାନଙ୍କୁ ପ୍ରାୟତଃ ସବୁକିଛି କରିବାକୁ ପଡ଼ିଥାଏ । ତେଣୁ ଜଣେ ସୁସ୍ଥ ମହିଳା ଏକ ସୁସ୍ଥ ପରିବାର ଚଳାଇପାରେ ଏହାକୁ ଗୁରୁତ୍ୱ ଦେବା କଥା । ସର୍ବପ୍ରଥମେ ଘରର ପରିବେଶ ଓ ଘର ବାହରର ପରିବେଶ ପ୍ରତି ଦୃଷ୍ଟି ଦିଅନ୍ତୁ । ସଫାସୁତୁରା ରଖନ୍ତୁ, ସନ୍ତସନ୍ତିଆ ବା ଅଳିଆ ଆବର୍ଜନା ଗଦା କରି ରଖନ୍ତୁ ନାହିଁ । ପରିବାରରେ କାହାକୁ କୌଣସି ପ୍ରକାର ଚର୍ମରୋଗ ହେଲେ ଭୟଭୀତ ନହୋଇ ଦୃଢ଼ମନା ହୁଅନ୍ତୁ । ଧୈର୍ଯ୍ୟ ଧରନ୍ତୁ ଚିକିତ୍ସକଙ୍କ ସହାୟତା ନିଅନ୍ତୁ । ଖରାଦିନେ ପ୍ରାୟତଃ ପାନୀୟଜଳ ଦୂଷିତ ହେବାର ସମ୍ଭାବନା ରହିଥାଏ । ଖରାଦିନରେ ଦିନକୁ ନିଶ୍ଚିତ ଭାବରେ ଦୁଇଥର ଗାଧୋଇବାର ଅଭ୍ୟାସ ରଖନ୍ତୁ ସୁବିଧା ଥିଲେ ଗାଧୋଇବା ଜଳରେ ନିମଗଛର ଛାଲିକୁ ଗରମ ପାଣିରେ ସିଝାଇ ତାକୁ ଗାଧୋଇବା ପାଣିରେ ବ୍ୟବହାର କରନ୍ତୁ । ନିୟମିତ ବ୍ୟବଧାନରେ ପ୍ରଚୁର ପାଣି ପିଅନ୍ତୁ । ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ ଯଥା ସମ୍ଭବ ଆମିଷ ଖାଦ୍ୟ, ଫାଷ୍ଟଫୁଡ ଖାଦ୍ୟ ଓ ଫ୍ରିଜର ଥଣ୍ଡା ଖାଦ୍ୟକୁ ଗରମ କରି ଖାଇବାର ଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ । ଯଥାସମ୍ଭବ ତଟକା ପନିପରିବା, ଫଳ, ଶାଗ ଓ ସମ୍ଭବ ହେଲେ ପଇଡ଼ ପିଅନ୍ତୁ । ନିଜ ବିଛଣାପତ୍ର ଖରାରେ ଶୁଖାଇ ସ୍ୱାସ୍ଥ୍ୟପ୍ରଦ କରନ୍ତୁ । ଗରମ ଖାଦ୍ୟ ଖାଆନ୍ତୁ ପ୍ରତ୍ୟୁଷରୁ ଉଠନ୍ତୁ । ଟାଣ ଖରାରେ କୁଆଡ଼େ ଜିବାକୁ ଥିଲେ ଟୋପି ବା ଛତା ସାଙ୍ଗରେ ନିଅନ୍ତୁ । ଶରୀରର କୌଣସି ଚର୍ମସ୍ଥାନ କୁଣ୍ଡେଇ ହେଲେ ନଖରେ ବା କୌଣସି ତୀକ୍ଷିଣ ପଦାର୍ଥ ଦ୍ୱାରା ଗଭୀର ଭାବେ କୁଣ୍ଡାନ୍ତୁ ନାହିଁ । ଚର୍ମକୁ ସୁରକ୍ଷା ଦେବା ପାଇଁ ବଜାରରେ ମିଳୁଥିବା ଶସ୍ତା ତେଲ ବା କ୍ରିମ କିମ୍ବା କୌଣସି ତୁଟ୍‌ଟୁକା ତୁଟ୍‌ଟୁକି ଜିନିଷ ବ୍ୟବହାର କରନ୍ତୁ ନାହିଁ । ଏସବୁ ଚର୍ମ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ବ୍ୟବହାର କରନ୍ତୁ । ବିଶେଷ କରି ମହିଳାମାନେ ଖରାଦିନରେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ସଚେତନ ରହିବା ବାଞ୍ଛନୀୟ ।

*ପ୍ରଫେସର, ଚର୍ମ ଓ ଯୌନ ରୋଗ ବିଭାଗ, ପିଏମଆରଆଇ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ବାରିପଦା*

## ପୁଷ୍ଟିକର 'ଆମ୍ବ'



- ଆମ୍ବରେ ଆଂଟିଅକ୍ସିଡା□ ପରିମାଣ ଅଧିକ ଥିବାରୁ ଏହା କ୍ୟାନସର ଆଶଙ୍କା କମାଇବାରେ ସାହାଯ୍ୟ କରେ ।
- ଏଥିରେ ଥିବା ଫାଇବର୍, ପେକ୍ଟିନ୍ ଏବଂ ଭିଟାମିନ ସି କୋଲେଷ୍ଟେରୋଲ ପରିମାଣକୁ କମ୍ କରିଥାଏ ।
- ତ୍ୱଚାକୁ ପରିଷ୍କାର ରଖିବାରେ ସାହାଯ୍ୟ କରେ ଆମ୍ବ । ଏହା ତ୍ୱଚାର ଛିଦ୍ରକୁ ସଫା ରଖିବା ସହ ମୁହଁରୁ ବ୍ରଣ ଦାଗ ଦୂରେଇଥାଏ ।
- ଏକ କପ୍ କଟା ଆମ୍ବ ଖାଇଲେ ଶରୀରକୁ ପ୍ରାୟ ୨୫ ପ୍ରତିଶତ ପୌଷ୍ଟିକ ତତ୍ୱ ମିଳିଥାଏ । ଏଥିରେ ଥିବା ଭିଟାମିନ ଏ ଦୃଷ୍ଟିଶକ୍ତି ବଢାଇବାରେ ସାହାଯ୍ୟ କରେ ।
- ଆମ୍ବ ପତ୍ର ରକ୍ତରେ ଥିବା ଇନସୁଲିନ୍ ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ । ଘରୋଇ ଉପଚାର ଭାବେ ଏକ ପାତ୍ରରେ କିଛି ପାଣିନେଇ ସେଥିରେ ଆମ୍ବପତ୍ର ପକାଇ ଭଲଭାବରେ ଫୁଟାଇ ଦିଅନ୍ତୁ । ରାତିସାରା ଏହି ପାଣି ରଖି ସକାଳେ ଏହାକୁ ପିଅନ୍ତୁ ।
- ଆମ୍ବରେ ଫାଇବର୍ ପରିମାଣ ଅଧିକ ଥିବାରୁ ଏହା ଜୀର୍ଣ୍ଣଶକ୍ତି ବଢାଇବାରେ ସାହାଯ୍ୟ କରେ ।
- ଅଂଶୁଘାତରୁ ରକ୍ଷା ପାଇବାକୁ ହେଲେ କ□ା ଆମ୍ବ ରସ କରି ସେଥିରେ କିଛି ପାଣି ମିଶାଇ ପିଅନ୍ତୁ ।
- ଆମ୍ବରେ ଭିଟାମିନ୍ ସି, ଭିଟାମିନ୍ ଏ ଏବଂ ୨୫ ପ୍ରକାରର କ୍ୟାରୋଟିନଏଡ୍‌ସ ଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ ।
- ପାଚିଲା ଆମ୍ବ ପେଷ୍ଟରେ କିଛି ମହୁ ଏବଂ କ୍ଷୀର ମିଶାଇ ତ୍ୱଚା ମାଲିସ କରନ୍ତୁ । କିଛିଦିନ ଏପରି କଲେ ତ୍ୱଚା କୋମଳ ଓ ମୁଲାୟମ ହୋଇଥାଏ ।

# ଭାରତୀୟ କପା ନିଗମକୁ ୧,୭୧୮.୫୬ କୋଟି ଟଙ୍କାର ଏମଏସପି ପାଣ୍ଠି ମଞ୍ଜୁର କଲା କ୍ୟାବିନେଟ୍

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ୨୦୨୩-୨୪ କପା ଋତୁ ପାଇଁ ଭାରତୀୟ କପା ନିଗମ (ସିସିଆଇ) ଲାଗି ୧,୭୧୮.୫୬ କୋଟି ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ପାଣ୍ଠିକୁ ଅନୁମୋଦନ କରିଛି । କୃଷକ କଲ୍ୟାଣକୁ ସୁଦୃଢ଼ କରିବା ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପାଣ୍ଠିର ଲକ୍ଷ୍ୟ ହେଉଛି ସାରା ଦେଶରେ କପା ଚାଷୀମାନଙ୍କୁ ପ୍ରତ୍ୟକ୍ଷ ମୂଲ୍ୟ ସହାୟତା ପ୍ରଦାନ କରିବା । କପା ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏମଏସପି ପରିଚାଳନା କରାଯାଏ । ବଜାର ମୂଲ୍ୟ ଏମଏସପି ଠାରୁ କମ୍ ହେଲେ ଏହା ଲାଭଦାୟକ ହୋଇଥାଏ । ଏହି ହସ୍ତକ୍ଷେପଗୁଡ଼ିକ କପା ମୂଲ୍ୟକୁ ସ୍ଥିର କରିବା, ଅଭାବୀ ବିକ୍ରି ରୋକିବା ଏବଂ ଚାଷୀମାନଙ୍କୁ ଲାଭଦାୟକ ଫେରସ୍ତ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । କୃଷି ବଜାରରେ ଅନ୍ତର୍ଭୁକ୍ତିକରଣ ବୃଦ୍ଧି କରି, ଏମଏସପି ପରିଚାଳନା କପା ଚାଷ କରୁଥିବା ଲୋକମାନଙ୍କର ଆର୍ଥିକ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଏ । କପା ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅର୍ଥକରୀ ଫସଲ ମଧ୍ୟରୁ ଅନ୍ୟତମ । ପ୍ରାୟ ୬୦ ଲକ୍ଷ ଚାଷୀଙ୍କ ଜୀବିକା ଏହା ଉପରେ ନିର୍ଭରଶୀଳ । ଏହି ଚାଷ ପ୍ରକ୍ରିୟାକରଣ, ବାଣିଜ୍ୟ ଏବଂ କପଡ଼ା ସମେତ ଆନୁସଙ୍ଗିକ କାର୍ଯ୍ୟକଳାପରେ ନିୟୋଜିତ ୪୦୦-୫୦୦ ଲକ୍ଷ ଲୋକଙ୍କୁ ସମର୍ଥନ କରେ । ୨୦୨୩-୨୪ କପା ଋତୁରେ ଆନୁମାନିକ ୧୧୪.୪୭ ଲକ୍ଷ ହେକ୍ଟର ଜମିରେ କପା ଚାଷ କରାଯାଇଥିଲା । ଏଥିରୁ ପ୍ରାୟ ୩୨୫.୨୨ ଲକ୍ଷ ବେଲ୍ କପା ଉତ୍ପାଦନ ହୋଇଥିଲା । ଏହି ପରିମାଣ ବିଶ୍ୱ କପା ଉତ୍ପାଦନର ପ୍ରାୟ ୨୫% ଅଟେ । ଭାରତ ସରକାର କୃଷି ଖର୍ଚ୍ଚ ଏବଂ ମୂଲ୍ୟ କମିଶନ (ସିଏସିପି)ର ସୁପାରିସ ଆଧାରରେ ବିହନ କପା ପାଇଁ ଏମଏସପି ସ୍ଥିର କରିଛନ୍ତି । ସରକାର କପାରେ ଏମଏସପି ପରିଚାଳନା କରିବା ପାଇଁ ଭାରତୀୟ କପା ନିଗମକୁ କେନ୍ଦ୍ରୀୟ ନୋଡାଲ ଏଜେନ୍ସି ଭାବରେ ନିଯୁକ୍ତ କରିଛନ୍ତି । ଯେତେବେଳେ ବଜାର ମୂଲ୍ୟ ଏମଏସପି ସ୍ତରରୁ କମ୍ ହୋଇଥାଏ, ସିସିଆଇ କୌଣସି ପରିମାଣ ସୀମା ବିନା ସମସ୍ତ ଫେୟାର ହାରାହାରି ଗୁଣବତା (ଏଫଏକ୍ୟୁ) କପା ଚାଷୀଙ୍କଠାରୁ କ୍ରୟ କରେ, ଏହାଦ୍ୱାରା ଚାଷୀମାନଙ୍କୁ ଏକ ନିଶ୍ଚିତ ସୁରକ୍ଷା ଜାଲ ଯୋଗାଇଥାଏ । ଏହାର ପ୍ରସ୍ତୁତିର ଅଂଶ ସ୍ୱରୂପ, ସିସିଆଇ ସମସ୍ତ ୧୧ ଟି ପ୍ରମୁଖ କପା ଉତ୍ପାଦନକାରୀ ରାଜ୍ୟରେ ଏକ ଦୃଢ଼ କ୍ରୟ ନେଟୱର୍କ ସ୍ଥାପନ କରିଛି । ୧୫୨ ଟି ଜିଲ୍ଲାରେ ଏହାର ୫୦୮ ରୁ ଅଧିକ କ୍ରୟ କେନ୍ଦ୍ର କାର୍ଯ୍ୟକ୍ଷମ ଯାହାକି ଚାଷୀମାନଙ୍କ ପାଇଁ ସୁଗମ ଏବଂ ସୁଲଭ କ୍ରୟ ସୁନିଶ୍ଚିତ କରୁଛି । ଏହା ବ୍ୟତୀତ, ସିସିଆଇ ଏମଏସପି ପରିଚାଳନାର ଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ଅନେକ ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ କୃଷି-କୈନ୍ଦ୍ରିକ ପଦକ୍ଷେପ ଗ୍ରହଣ କରିଛି । ଏଥିରେ ଏମଏସପି ସମ୍ବନ୍ଧୀୟ ସୂଚନା ପ୍ରସାରଣ, ବେଲ୍ ଆଇଡେଂଟିଫିକେସନ୍ ଆଣ୍ଡ୍ ଟ୍ରେସେବିଲିଟି ସିଷ୍ଟମ୍ (ବିଟ୍ସ) କାର୍ଯ୍ୟକାରୀ କରିବା ଏବଂ 'କଟ-ଆଲି' ମୋବାଇଲ୍ ଆପ୍ ଶୁଭାରମ୍ଭ କରିବା ଅନ୍ତର୍ଭୁକ୍ତ । ଏସବୁ ଚାଷୀମାନଙ୍କୁ ଉତ୍ତମ ଯୋଗାଯୋଗ ଏବଂ ସେବା ପ୍ରଦାନ ଲାଗି ସକ୍ଷମ କରିଥାଏ ।

# ଆଗାମୀ ରାମ ନବମୀ ଓ ଇଦ୍ ଉଲ ଫିତର ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ବାଲିଆପାଳ(ନିପ୍ର): ଆସନ୍ତା ରାମ ନବମୀ, ଇଦ୍-ଉଲ-ଫିତର ଓ ବାସନ୍ତୀ ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ବାଲିଆପାଳ ଥାନା ପରିସରରେ ଗୁରୁବାର ଉଭୟ ସଂପ୍ରଦାୟଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ଥାନା ଆଇ ଆଇ ସି ସାଲଖାନ ମୁର୍ମୁ ଆଲୋଚନା କରି ୨୧ ତାରିଖରେ ଇଦ ଉଲ ଫିତର ଓ ୨୭ ତାରିଖରେ ରାମ ନବମୀ ଏବଂ ୨୫ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବାସନ୍ତୀ ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ଉଭୟ ମୁସଲମାନ ଓ ହିନ୍ଦୁ ଭାଇ ମାନଙ୍କୁ ନିବେଦନ କରିଥିଲେ । ଥାନା ସେକେଣ୍ଡ ଅଫିସର ଶୁଭସ୍ମିତା ପାଲ, ଏ ଏସ ଆଇ ପ୍ରେମ ପ୍ରତାପ ବାହିନୀପତ ଓ ପ୍ରବୋଧ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଶାନ୍ତି କମିଟି ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃ ମଣ୍ଡଳି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବାସନ୍ତୀ ପୂଜା କମିଟି ସଦସ୍ୟ, ବାଲିଆପାଳ ହନୁମାନ ମନ୍ଦିର ପରିଚାଳନା କମିଟି ସଦସ୍ୟ, ବଜରଙ୍ଗ ଦଳର କର୍ମକର୍ତ୍ତା ଏବଂ ବାଲିଆପାଳ, ଖଗଡାପାଳ, କଚୁଆପଡା, କୁହ୍ଲାଚଡ, କେନ୍ଦୁଆଡିଆ, ମେଣ୍ଢାପଡା, ଯମୁନାଶୁଳ, ବାସୁଦେବପୁର ଆଦି ମୁସଲମାନ ବସ୍ତିର ମୁସଲମାନ ଭାଇ ମାନେ ଯୋଗଦେଇ ଶାନ୍ତି ଶୃଙ୍ଖଳାର ସହିତ ସମସ୍ତ ଉତ୍ସବ କୁ ପାଳନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ । ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଇ ଆଇ ସି ଶ୍ରୀ ମୁର୍ମୁ କହିଥିଲେ ।

# ଡ଼ା ଦେବେନ୍ଦ୍ର ପ୍ରଧାନଙ୍କ ସହଧର୍ମିଣୀଙ୍କୁ ଡାକ୍ତର ବାବୁ ପୁସ୍ତକ ପ୍ରଦାନ



ତାଳଚେର(ନିପ୍ର): ଓଡିଶା ବିଜେପି ର ପ୍ରାଣ ପ୍ରତିଷ୍ଠାତା ତଥା ପ୍ରାକ୍ତନ ବିଜେପିର ରାଜ୍ୟ ସଭାପତି ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ଼ା ଦେବେନ୍ଦ୍ର ପ୍ରଧାନ ଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଦୁଇ ଦିନ ପୂର୍ବେ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଭାରତ ସରକାର ଙ୍କର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ପ୍ରାକ୍ତନ ରାଜ୍ୟ ସଭାପତି ସମୀର ମହାନ୍ତି ଙ୍କ ଦ୍ୱାରା ବିଶିଷ୍ଟ ଉପନ୍ୟାସିକ ତଥା ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ଙ୍କ ଦ୍ୱାରା ରଚିତ ପୁସ୍ତକ ଡାକ୍ତର ବାବୁ ଉନ୍ମୋଚିତ ହୋଇଥିଲା । ଗୁରୁବାର ଉକ୍ତ ପୁସ୍ତକ କୁ ଏହାର ରଚୟିତା କାଳନ୍ଦି ସାମଲ ତାଳଚେର ଦିନଦୟାଲ ନଗର ଠାରେ ଡ଼ା ଦେବେନ୍ଦ୍ର ପ୍ରଧାନ ଙ୍କ ସହଧର୍ମିଣୀ ବସନ୍ତ ମଞ୍ଜରୀ ପ୍ରଧାନ ଙ୍କୁ ଭେଟି ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ରେ ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ବରୁଣ କୁମାର ସାହୁ, ପ୍ରଶାନ୍ତ ନନ୍ଦ, ସହଦ୍ୱେ ସାହୁ, ନରେଶ ଚନ୍ଦ୍ର ବେହେରା, ଅଖିଳ ସାମଲଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# 'ଜିଲାସ୍ତରୀୟ ସମନ୍ୱୟ ସଭା" ଅନୁଷ୍ଠିତ

ବ୍ରହ୍ମପୁର/ଛତ୍ରପୁର(ନିପ୍ର): ରିଲିଆନ୍ସ ଫାଉଁଡେସନ ଏବଂ ଗେଟସ ଫାଉଁଡେସନ, ମିଶନ ଶକ୍ତି , ଓଡିଶା ଜୀବିକା ମିଶନ ସହାୟତାରେ ଜଉଗଡ ସଭା ଗୃହ, ଜିଲ୍ଲା ପରିଷଦ, ଗଞ୍ଜାମ ପରିସରରେ ମହିଳା ସଶକ୍ତିକରଣ (Women Economic Empowerment ) କରିବା ପାଇଁ, ଗ୍ରାମ ବିକାଶ ର ମିଳିତ ପ୍ରଚେଷ୍ଟାରେ 'ଜିଲାସ୍ତରୀୟ ସମନ୍ୱୟ ସଭା" ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ର କୀର୍ତି ଭାସନ ଭି, ଜିଲ୍ଲା ପାଳ, ଡ଼କ୍ଟର ବିଜୟ କୁମାର ବେହେରା ଜିଲ୍ଲା ଉନ୍ନୟନ ଅଧିକାରୀ, କନ୍ଦ ଜେନା, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଜୟା କୃଷ୍ଣ ମହାପାତ୍ର, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଲିବି ଟି ଜନସନ, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଗ୍ରାମ ବିକାଶ, ବୃକ୍ଷରେ ଜଳ ଅର୍ପଣ କରି ସଭା କାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ଗ୍ରାମ ବିକାଶ କାର୍ଯ୍ୟ କରୁଥିବା ଗ୍ରାମ



ଗୁଡ଼ିକର ଗ୍ରାମ କମିଟିର ସଦସ୍ୟ ଓ ମହିଳା ଉଦ୍ୟୋଗୀ ମାନେ ସେମାଙ୍କର ଅନୁଭୂତି ଓ ଗ୍ରାମ ବିକାଶ ସହିତ ସେମାଙ୍କର ସମ୍ବନ୍ଧ ବିଷୟରେ ଆଲୋକ ପାତ କରିଥିଲେ । ସ୍ୱୟଂଶ୍ରୀ ପରି ସରକାରୀ ସ୍ତରରେ ଗଂଜାମ ଜିଲ୍ଲା ମହିଳା ସଶକ୍ତିକରଣ କରିବା ପାଇଁ ସପୂର୍ଣ୍ଣା ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ଜିଲ୍ଲା ପାଳ ତାଙ୍କର ଉଦ୍ବୋଧନ ପ୍ରକାଶ କରିଥିଲେ । ସେ ପ୍ରକଳ୍ପ ମାଧ୍ୟମରେ ମାହିଳା ମାନେ କିପରି ସ୍ୱାବଲମ୍ବୀ ହୋଇ ନିଜ ପରିବାର ଅର୍ଥନୈତିକ ଅଭି ବୃଦ୍ଧି ରେ ସହାୟକ ହୋଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ସମସ୍ତ ବିଭାଗ ଅଧିକାରୀ ଯଥା ଡ଼କ୍ଟର ବିଜୟ କୁମାର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ, ଅଜୟ କୁମାର କର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କନ୍ଦ ଜେନା , ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଭାରତ ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଡ଼କ୍ଟର ଅଞ୍ଜନ କୁମାର ଦାସ, ଜିଲ୍ଲା ପଶୁସମ୍ପଦ ଅଧିକାରୀ, ଜୟା କୃଷ୍ଣ ମହାପାତ୍ର, ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ ମିଶନ ଶକ୍ତି, ରାଜଗୋପାଲ ଦାସ, ସିଇଓ, ଓର୍ମାସ , ସନ୍ତୋଷ କୁମାର ରଥ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର, ଓଡିଶା ଜୀବିକା ମିଶନ, ଇତ୍ୟାଦି ଉପସ୍ଥିତ ରହି ନିଜ ବିଭାର ଯୋଜନା ବିଷୟରେ ଆଲୋଚନା କରିଥଲେ । ଗ୍ରାମବିକାଶ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗଂଜାମ ଜିଲ୍ଲା ରେ ଗ୍ରାମ ବିକାଶ ର ଚାଲୁଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ଗଂଜାମ ଜିଲ୍ଲା ଗ୍ରାମ ବିକାଶ ର ଜିଲ୍ଲା ପ୍ରବନ୍ଧକ ଦିବାକର ଚୌଧରୀ, ଗ୍ରାମ ବିକାଶ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ ର ବ୍ଲକ ଅଧିକାରୀ ମାନେ ସେମାଙ୍କର ଅନିଭୁତି ପ୍ରଦାନ କରିଥଲେ । ଗ୍ରାମ ବିକାଶ ସ୍ୱୟଂଶ୍ରୀ ର ପ୍ରତାପ ଚନ୍ଦ୍ର ପଣ୍ଡା, ଷ୍ଟେଟ ପ୍ରୋଗ୍ରାମ ଲିଡ୍, ଅମୂଲ୍ୟ କୁମାର ଚୌଧୁରୀ, ଡିଷ୍ଟ୍ରିଟ ପ୍ରୋଗ୍ରାମ ଲିଡ୍ ଓ ସମସ୍ତ ବ୍ଲକ ପ୍ରୋଗ୍ରାମ ଲିଡ୍ , ଗ୍ରାମ ବିକାଶ ଗଂଜାମ ର କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥଲେ । ପରିଶେଷରେ ଡ଼ଃ. ମିତୁଲା ନାୟକ ଡିଷ୍ଟ୍ରିଟ ପ୍ରୋଗ୍ରାମ ଲିଡ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ, ଜଣେ ଗିରଫ

ତାଳଚେର(ନିପ୍ର): ତାଳଚେର ପୁଲିସ ତରଫରୁ ଗତ କାଲି ସ୍ଥାନୀୟ ବସ ଷ୍ଟାଣ୍ଡ ନିକଟସ୍ଥ ଚାଉଳିଆକୁଟା ନିକଟରେ ଧରପଗଡ କରାଯାଇ ଏକ ଧଳା ମାରୁତି କାରରେ ବହୁ ପରିମାଣର ନକଲି ଦେଶୀ ମଦ ନେଇ ବେପାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଥିବା ବେଳେ ମଦ ଓ ବ୍ୟବହୃତ କାରକୁ ଜବତ କରାଯାଇଛି । ସୂଚନାଯୋଗ୍ୟ ଗତ କାଲି ତାଳଚେର ପୁଲିସ ତରଫରୁ ରାତ୍ରି ପେଟ୍ରୋଲିଂ ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇ ତାଳଚେର ପୁଲିସ ଓ ଅନୁଗୁଳ ପୁଲିସ ସ୍ୱତନ୍ତ୍ର ପୁଲିସ ସ୍କ୍ୱାର୍ଡଙ୍କ ମିଳିତ ଚଢ଼ାଉ କରି ଏକ ଧଳା ମାରୁତି ସୁଜୁକି ଡିଜେୟାର କାର ନଂ ଓଡ଼ି ୧୪ ୧୯୪୪ କୁ ଚାଳକ ସହ ଚାଉଳିଆକୁଟା ଠାରେ ଧରିଥିଲେ । ଗାଡ଼ିକୁ ଯାଂଚ କରିବା ସମୟରେ ତାହା ମଧ୍ୟରେ ୩୭୮ ଟି ୧୮୦ ଏମଏଲ ଲେଖାଁଏ ମଦ ଗାଡ଼ି ଡିକି ଓ ପଛ ପଟ ସିଟରୁ ପାଇଥିଲେ । ଯେଉଁଥିରେ ବିଭିନ୍ନ ନକଲି ବ୍ରାଣ୍ଡର ଷ୍ଟାମ୍ପ ଓ ସିଲ୍ ଲାଗିଥିଲା । ଗାଡ଼ି ଚାଳକ ପରଜଙ୍ଗ ଥାନା ଆମ୍ବପଲାସ ଗ୍ରାମର ସୁମନ୍ତ କୁମାର ବାରିକ ଆବଶ୍ୟକୀୟ କାଗଜପତ୍ର ଦେଖାଇନପାରିବାରୁ ଏବଂ ମଦ ଗୁଡ଼ିକ ନକଲି ବୋଲି ଜଣାପଡ଼ିବାରୁ ତାଙ୍କ ଠାରୁ ସମୁଦାୟ ୬୮.୨୨ ଲିଟର ମଦ ଓ କାରକୁ ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ତାଙ୍କୁ ଅଦାଲତ ଚାଲାଣ କରାଯାଇଛି ।

# ହନୁମାନ ଜୀଉଙ୍କ ୧୧ ତମ ବାର୍ଷିକ ଉତ୍ସବ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ

ନୟାଗଡ଼(ନିପ୍ର): ନୟାଗଡ଼ ସହର ବିଜୁ ମାର୍କେଟର ଶ୍ରୀଶ୍ରୀ ହନୁମାନ ଜୀଉ ମନ୍ଦିର ୧୧ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଜିଲ୍ଲା ରେଡ କ୍ରସ ଏବଂ ରେଡ଼କ୍ରସ ଭଲ୍ୟୁଂଟିୟର ଫୋରମ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର (ଏମରଜାନ୍ସି )ତୃପ୍ତି ରାଜ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଉଦଘାଟନ କରିଥିଲେ । ଉପସ୍ଥିତ ଥିଲେ ଡାକ୍ତର ସତ୍ୟ ସାହୁ, ରେଡ଼କ୍ରସ ଭଲ୍ୟୁଂଟାରୀ ଫୋରମ ଉପଦେଷ୍ଟା ଟିକୁ ଭାଇ, କନଭେନର ସୁନିତା ମହାପାତ୍ର, ବାର୍ଷିକ ଉତ୍ସବର ସଭାପତି, ସମ୍ପାଦକ, ମୁନା ପଟ୍ଟନାୟକ,ପବିତ୍ର ସାହୁ, ନାଗା ଭାଇ ଓ ପ୍ରମୁଖ କର୍ମକର୍ତ୍ତା ଉକ୍ତ ଶିବିରରୁ ସମୁଦାୟ ୨୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ରେଡ଼କ୍ରସ ଭଲ୍ୟୁଂଟିୟର ଫୋରମ ଉପଦେଷ୍ଟା ତଥା ଖାଦ୍ୟରଥ ଉଦ୍ୟୋକ୍ତା ବିଭୁତି ପଟ୍ଟନାୟକ (ଟିକୁ ଭାଇ ) ଉପସ୍ଥିତ ରହି ଶିବିରକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ନୟାଗଡ଼ ରକ୍ତ ଭଣ୍ଡାର କର୍ମଚାରୀ ଅଜୟ କୁମାର ପଟ୍ଟନାୟକ, ପବିତ୍ର ମୋହନ ସାହୁ, ରବୀନ୍ଦ୍ର ନାଥ ସାହୁ, ଫଂଟୁ ଦଳେଇ ଓ ସ୍ୱାଦାର ମଲ୍ଲିକ ସହଯୋଗ କରିଥିଲେ ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ବାରିପଦା(ନିପ୍ର): ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ସାହିତ୍ୟ ସଂସଦର ୧୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି. ଡଃ କୁମରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରତ୍ନାକର ସିଂହ, ସମ୍ମାନିତ ଅତିଥି ଭାବେ ଡଃ ପ୍ରବୋଧ ଦେ, ପ୍ରାଧାପିକା ଡଃ ସ୍ମୃତି ପଟ୍ଟନାୟକ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ହୋଇ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରେ ବୋଲି କହିଥିଲେ । ବିଶିଷ୍ଟ ଯୁବ କଣ୍ଠଶିଳ୍ପୀ ବହ୍ନିମାନ ରଥ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ, କବି ମଧୁସୂଦନ ମିଶ୍ର ଓ କ୍ଷଣପ୍ରଭା ମହାନ୍ତିଙ୍କ ସଂଯୋଜନାରେ ରାଜ୍ୟରୁ ଆସିଥିବା କବି ସୁନ୍ଦର ସୁନ୍ଦର କବିତା ଆବୃତି କରିଥିଲେ । ଏହି ଅବସରରେ କବି ସ୍ନିଗ୍ଧା ମହାପାତ୍ରଙ୍କ କବିତା ପୁସ୍ତକ ବୋଉ ଏବଂ କବି ସୁଚରିତା ମହାନ୍ତିଙ୍କ ଲଳିତ ନିବନ୍ଧ ଜୀବନ୍ତ ଈଶ୍ୱରର ପୃଥିବୀ ଏବଂ ଅନ୍ୟାନ୍ୟ ରଚନା ଉନ୍ମୋଚିତ ହୋଇଥିଲା । ସେହିପରି ଅନୁଷ୍ଠାନ ତରଫରୁ ବିଶିଷ୍ଟ କବି ଡଃ ହରିଶ ଚନ୍ଦ୍ର ବେହେରାଙ୍କୁ ଭଞ୍ଜଦୀପ ସମ୍ମାନ, କେଶୁ ଦାସଙ୍କୁ ଭଞ୍ଜଦୀପ କଳା ସମ୍ମାନ, ସୋମନାଥ ସିଂହଙ୍କୁ ଭଞ୍ଜଦୀପ ସେବା ସମ୍ମାନ, ଡଃ ପୁଷ୍ପା ପାତ୍ରଙ୍କୁ ଭଞ୍ଜଦୀପ ପ୍ରାବନ୍ଧିକା ସମ୍ମାନ, ସବିତା ବେହେରାଙ୍କୁ ଭଞ୍ଜଦୀପ ସମ୍ମାନରେ ସମ୍ମାନିତ କରା ଯାଇଥିଲା. ଉପ ସଭାପତି ଭାସ୍କର ବାରିକ ଓ କୋଷାଧ୍ୟକ୍ଷ ପାର୍ଥସାରଥି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସୁଚରିତା ମହାନ୍ତି ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରେ ଥିବା ନୂଆପଡ଼ା ସରକାରୀ ମୋଡେଲ ଡିଗ୍ରୀ କଲେଜ ଇତିହାସ ବିଭାଗ ପକ୍ଷରୁ ଭାରତୀୟ ଜ୍ଞାନ ପରମ୍ପରା, ପୁନଃ ମୂଲ୍ୟାୟନ, ଶୀର୍ଷକ ରାଜ୍ୟ ସ୍ତରୀୟ ସେମିନାର ଅନୁଷ୍ଠିତ କ୍ଷ ସେମିନାରରେ ଗବେଷକ ତଥା ଐତିହାସିକ ଡଃ. ଫନିନ୍ଦମ ସିଂ ଦେଓ ମୁଖ୍ୟ ଗବେଷକ ଭାବେ ଯୋଗ ଦେଇ ଭାରତ ରେ ପ୍ରାଚୀନ ଜ୍ଞାନ ପରମ୍ପରା ବହୁ ସମୃଦ୍ଧ ଥିବା ବେଳେ ଏହାର ସଂଗ୍ରହ କରି ବୈଜ୍ଞାନିକ ପଦ୍ଧତି ରେ ମୂଲ୍ୟବୋଧ ଉଜ୍ଜୀବିତ କରିବା ର ପ୍ରୟାସ ଏକ ପ୍ରଶଂସନୀୟ ବିଷୟ ବୋଲି ଆହ୍ୱାନ କରିଥିଲେ । ଭାରତୀୟ ଜ୍ଞାନ ପରମ୍ପରା ତାକୁ ପୁନଃ ମୂଲ୍ୟାୟନ କରି ଏହି ସମୟ ସହିତ ଯୋଡ଼ିବା ନେଇ ବ୍ୟାଖ୍ୟା ହୋଇଥିଲା ।, ପ୍ରାକ ଐତିହାସିକ ତଥ୍ୟ ଲିପି, ସଂଗୃହିତ ପୋଥି,ତାମ୍ର ପତ୍ର ପ୍ରଦର୍ଶିତ ହୋଇଥିଲା । ଅଧାପକ ଟିକେଶ୍ୱର ରଣା, ଅଧାପକ ଶ୍ରୀକାନ୍ତ ବାରିକ, ଇତିହାସ ବିଭାଗର ଅଧାପକ ଟିକେଶ୍ୱର ରଣା ପରିଚାଳନା କରିଥିଲେ ।

# ପର୍ଯ୍ୟଟକ ସୁବିଧା କେନ୍ଦ୍ରକୁ ପାଠାଗାର କରିବାକୁ ନେଇ ଅସନ୍ତୋଷ

ଧାମନଗର(ନିପ୍ର): ଓଡ଼ିଶାର ଐତିହାସିକ ଯୁଦ୍ଧ କ୍ଷେତ୍ର ଧାମନଗର ବ୍ଲକ ମୁସ୍ତଫାପୁର ର ଗୋହିରାଟିକିରି ପୀଠରେ ପ୍ରଶାସନିକ ନିଷ୍ପତିକୁ ନେଇ ଜନଅସନ୍ତୋଷ ଦେଖାଦେଇଛି । ୨୦୧୯ ମସିହାରେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପର୍ଯ୍ୟଟକ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଥିଲା । ସେହି ଘର କୁ ପାଠାଗାରରେ ରୂପାନ୍ତରିତ କରିବା ପାଇଁ ପ୍ରଶାସନ ପକ୍ଷରୁ କରାଯାଉ ଥିବା ପ୍ରୟାସ କୁ ସ୍ଥାନୀୟ ବାସିନ୍ଦା ତୀବ୍ର ବିରୋଧ କରିଛନ୍ତି । ୨୦୧୬ ନଭେମ୍ବରରେ ଗୋହିରାଟିକିରିକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବା ପରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ତତ୍କାଳୀନ ସରକାର ୨୦୧୯ରେ ଏକ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା । ୨୦୨୨ରେ ଏହାର ନିର୍ମାଣ ଶେଷ ହେବା ପରେ ଏହା କଲ୍ୟାଣ



ମଣ୍ଡପ ଭାବେ ବ୍ୟବହୃତ ହେଉଥିଲା । ବିଶେଷ କରି ବନ୍ୟା ପ୍ରଭାବିତ ଓ ଅନୁନ୍ନତ ଏହି ଅଂଚଳରେ ସ୍ଥାନୀୟ ଲୋକେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ପାଇଁ ଏହି ଗୃହ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି । ରାଜ୍ୟରେ ନୂତନ ସରକାର ଆସିବା ପରେ ଗୋହିରାଟିକିରିର ବିକାଶ ପାଇଁ ପ୍ରାୟ ୨୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ଏହି ଯୋଜନାରେ ଏକ ଅତ୍ୟାଧୁନିକ ପାଠାଗାର ନିର୍ମାଣ ମଧ୍ୟ ସାମିଲ ଅଛି, ଯାହାର ଭିତିପ୍ରସ୍ତର ଗତ ୨୦୨୫ ଜୁନ ୨ ତାରିଖ ରେ ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦ୍ୱାରା ଆଭାସି ମାଧ୍ୟମରେ କରାଯାଇଥିଲା । ତେବେ ଗୁରୁବାର ଦିନ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, କାର୍ଯ୍ୟ ନିର୍ବାହୀ ସଂସ୍ଥା ଓ ଠିକାଦାରଙ୍କ ସହ ସେଠାରେ ପହଂଚି ପୁରୁଣା ସୁବିଧା କେନ୍ଦ୍ରକୁ ହିଁ ପାଠାଗାର କରିବାକୁ ଯୋଜନା କରିଥିଲେ । ଏହି ଖବର ପ୍ରସାରିତ ହେବା ପରେ ଗ୍ରାମବାସୀ ଶରତ ରାଉତ, ପଦ୍ମନାଭ ରାଉତ, ମଣିଭଦ୍ର ବିଶ୍ୱାଳ, ସଞ୍ଜୟ ପ୍ରଧାନ, ପିତାମ୍ବର ବିଶ୍ୱାଳ ପ୍ରମୁଖ ଏହାକୁ ବିରୋଧ କରିଥିଲେ । ନୂଆପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର ହୋଇଥିବା ବେଳେ ପୁରୁଣା ପ୍ରକଳ୍ପକୁ କାହିଁକି ରୂପାନ୍ତରିତ କରାଯାଉଛି ବୋଲି ଅଭିଯୋଗ କରିଥିଲେ, ଗୋହିରାଟିକିରି ପୀଠରେ ଯଥେଷ୍ଟ ଜାଗା ଥିବା ସତ୍ତ୍ୱେ ପୁରୁଣା କଲ୍ୟାଣ ମଣ୍ଡପକୁ କାହିଁକି ରୂପାନ୍ତରିତ କରିବାକୁ ଯୋଜନା ହେଉଛି ବୋଲି ପ୍ରଶ୍ନ ଉଠିଛି । ଏହି କଲ୍ୟାଣ ମଣ୍ଡପଟି ଗାଁର ଗରିବ ଲୋକଙ୍କ ପାଇଁ ବର୍ଷା ଦିନେ ସାମାଜିକ କାର୍ଯ୍ୟର ଏକମାତ୍ର ମାଧ୍ୟମ, ଏହାକୁ ପାଠାଗାର କଲେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଧାମନଗର ବିଡିଓ ବନବିହାରୀ ଦିନ୍ଦା କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିବା ବେଳେ ଅଂଚଳରେ ଚାପା ଉତେଜନା ଲାଗି ରହିଛି । ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି ମୁକୁନ୍ଦଦେବଙ୍କ ବୀରଗାଥା ବହନ କରୁଥିବା ଏହି ପୀଠକୁ 'ଓଡ଼ିଶାର ହଳଦୀଘାଟ' କୁହାଯାଏ । ପୌରାଣିକ ମାନ୍ୟତା ଓ ମାଳିକା ବଚନର ଅର୍ଜୁନ ଗଛ ପାଇଁ ଏଠାକୁ ଦୈନିକ ଶହ ଶହ ପର୍ଯ୍ୟଟକ ଆସିଥାନ୍ତି । ଏଭଳି ଏକ ସ୍ଥାନରେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ନରଖି କରାଯାଉଥିବା ପ୍ରଶାସନିକ ନିଷ୍ପତିକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ଦିଗରେ ଜିଲ୍ଲାପାଳ ଘଟଣା ସ୍ଥଳ କୁ ଆସି ସଧାରଣ ଲୋକ ଙ୍କ ମତ ନେଇ କାର୍ଯ୍ୟ କରିବାକୁ ଧାମନଗର ପଂଚାୟତ ସମିତି ର ଉପାଧ୍ୟକ୍ଷ ତଥା ସ୍ଥାନୀୟ ବାସିନ୍ଦା ଜଗବନ୍ଧୁ ପ୍ରଧାନ ଅନୁରୋଧ କରିଛନ୍ତି, ସେହିପରି ସହିଦ ନଗର ଠାରେ ପର୍ଯ୍ୟଟନ ସ୍ଥଳ ସହିଦ ସ୍ମୃତି ପୀଠ କୁ ମଧ୍ୟ ଉପଜିଲ୍ଲାପାଳ ଗୁରୁବାର ଦିନ ପହଂଚି ସ୍ଥାନୀୟ ଲୋକ ଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ।

# ହେଡ୍‌ଗେୱାରଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ପରମ ପୂଜନୀୟ ଡ. କେଶବ ବଳିରାମ ହେଡ୍‌ଗେୱାରଙ୍କ ସ୍ମରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା, ଅନନ୍ୟ ରାଷ୍ଟ୍ରଭକ୍ତ ପରମ ପୂଜନୀୟ ଡ. କେଶବ ବଳିରାମ ହେଡ୍‌ଗେୱାରଙ୍କ ଜୟନ୍ତୀ ଅବସରରେ ଭକ୍ତିପୂତ ପ୍ରଣାମ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଂଗଠନ ଓ ରାଷ୍ଟ୍ରବାଦର ଅମୃତ ମନ୍ତ୍ରରେ ସମଗ୍ର ଭାରତବର୍ଷକୁ ଦୀକ୍ଷିତ କରିବା ସହ ସମାଜରେ ଏକତା, ସେବା ଓ ଅନୁଶାସନର ଭାବନା ଜାଗ୍ରତ କରିବାରେ ତାଙ୍କର ଅବଦାନ ଅତୁଳନୀୟ । ମାତୃଭୂମିର ପରମ ବୈଭବ ତଥା ଅଖଣ୍ଡତା ରକ୍ଷା ପାଇଁ ସେ ପ୍ରଦର୍ଶନ କରିଥିବା ମାର୍ଗ, ଆମ ସମସ୍ତଙ୍କୁ ଏକ ସମୃଦ୍ଧ, ସଂସ୍କାର ସମ୍ପନ୍ନ ଓ 'ବିକଶିତ ଭାରତ' ଗଠନ ପାଇଁ ନିରନ୍ତର ପ୍ରେରଣା ଯୋଗାଇବ ।

# ସିପିଇଟି ପରୀକ୍ଷା ଆବେଦନ ପାଇଁ ସମୟ ସୀମା ବୃଦ୍ଧି



ଭୁବନେଶ୍ୱର : କମନ ପିଜି ଏଂଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷା ପାଇଁ ଆବେଦନ କରିବାର ସମୟ ସୀମାକୁ ବୃଦ୍ଧି କରାଯାଇଛି । ଆବେଦନର ସମୟ ସୀମାକୁ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସିପିଇଟି ପରୀକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୨ ତାରିଖ ରାତି ୧୧.୪୫ ଘଟିକା ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ନିଜର କମନ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ । ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସମସୟସୀମା ଅନୁସାରେ, ସିପିଇଟି ପରୀକ୍ଷା ଆବେଦନ ପାଇଁ ମାର୍ଚ୍ଚ ୧୮ ତାରିଖ ଶେଷ ତାରିଖ ରହିଥିଲା । କିନ୍ତୁ, ଛାତ୍ରଛାତ୍ରୀମାନଙ୍କ ବୃହତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆବେଦନର ସମୟସୀମାକୁ ବୃଦ୍ଧି କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି । ସୂଚନାଯୋଗ୍ୟ ଯେ, ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ କମନ ପିଜି ଏଂଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ । ସିପିଇଟି ପ୍ରବେଶିକା ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ ।








# ଓମାନର ସୁଲତାନ ହାଇଥାମ୍ ବିନ୍ ତାରିକଙ୍କ ସହ ସାକ୍ଷାତ ଆଲୋଚନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓମାନର ସୁଲତାନ ହାଇଥାମ୍ ବିନ୍ ତାରିକଙ୍କ ସହ ପାର୍ବଣର ଶୁଭେଚ୍ଛା ଆଦାନପ୍ରଦାନ ସହ ଅଂଚଳର ପରିବର୍ତ୍ତିତ ପରିସ୍ଥିତି ବାବଦରେ ଏକ ଫଳପ୍ରଦ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ସୁଲତାନ ହାଇଥାମ୍ ବିନ ତାରିକଙ୍କ ସହ କଥା ହୋଇଥିଲେ ଏବଂ ଓମାନର ଜନସାଧାରଣଙ୍କୁ ଆଗୁଆ ଇଦ୍ ଶୁଭେଚ୍ଛା ଜଣାଇଥିଲେ । ଆଲୋଚନା ସମୟରେ ଉତେଜନା ହ୍ରାସ ଏବଂ ପରବର୍ତୀ ସମୟରେ ଶାନ୍ତି ଏବଂ ସ୍ଥିରତା ପୁନରୁଦ୍ଧାର ପାଇଁ ଆଲୋଚନା ଏବଂ କୂଟନୀତିକୁ ପ୍ରାଥମିକତା ଦେବାର ଆବଶ୍ୟକତା ଉପରେ ଉଭୟ ନେତା ସହମତ ହୋଇଥିଲେ । ପ୍ରଧାନମନ୍ତ୍ରୀ ଓମାନର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାର ଉଲ୍ଲଂଘନ ପାଇଁ ଭାରତର ନିନ୍ଦାକୁ ପୁନର୍ବାର ଦୋହରାଇଥିଲେ ଏବଂ ଭାରତୀୟ ନାଗରିକଙ୍କ ସମେତ ହଜାର ହଜାର ଲୋକଙ୍କ ନିରାପଦ ପ୍ରତ୍ୟାବର୍ତ୍ତନକୁ ସହଜ କରିବା ପାଇଁ ଓମାନର ପ୍ରୟାସକୁ ପ୍ରଶଂସା କରିଥିଲେ । ଶ୍ରୀ ମୋଦୀ ଆହୁରି ଜୋର୍ ଦେଇଥିଲେ ଯେ ଭାରତ ଏବଂ ଓମାନ ହରମୁଜ ପ୍ରଣାଳୀ ଦେଇ ନିରାପଦ ଓ ମୁକ୍ତ ଜାହାଜ ଚଳାଚଳକୁ ଗୁରୁତ୍ୱ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି: "ମୋ ଭାଇ ସୁଲତାନ ହାଇଥାମ୍ ବିନ୍ ତାରିକଙ୍କ ସହ ଏକ ଫଳପ୍ରଦ ଆଲୋଚନା କରିଥିଲି ଏବଂ ଓମାନର ଲୋକଙ୍କୁ ଆଗୁଆ ଇଦ୍ ଶୁଭେଚ୍ଛା ଜଣାଇଥିଲି । ଆମେ ଉତେଜନା ହ୍ରାସ ଏବଂ ପରବର୍ତୀ ସମୟରେ ଶାନ୍ତି ଏବଂ ସ୍ଥିରତା ପୁନଃସ୍ଥାପନ ପାଇଁ ଆଲୋଚନା ତଥା କୂଟନୀତିକୁ ପ୍ରାଥମିକତା ଦେବାର ଆବଶ୍ୟକତା ଉପରେ ସହମତ ହୋଇଥିଲୁ । ଓମାନର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାର ଉଲ୍ଲଂଘନକୁ ଭାରତର ନିନ୍ଦାକୁ ପୁନରାବୃତି କରିଥିଲୁ ଏବଂ ଭାରତୀୟ ନାଗରିକଙ୍କ ସମେତ ହଜାର ହଜାର ଲୋକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତନକୁ ସହଜ କରିବା ଦିଗରେ ଓମାନର ପ୍ରୟାସକୁ ପ୍ରଶଂସା କରିଥିଲୁ । ଭାରତ ଏବଂ ଓମାନ ହରମୁଜ ପ୍ରଣାଳୀ ଦେଇ ନିରାପଦ ଓ ମୁକ୍ତ ଜାହାଜ ଚଳାଚଳକୁ ଗୁରୁତ୍ୱ ଦେଉଛନ୍ତି ।"

# ରାୟଗଡ଼ା ଡିଭିଜନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ



ଭୁବନେଶ୍ୱର : ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ, ଶ୍ରୀ ପରମେଶ୍ୱର ଫୁଙ୍କୱାଲ, ରାୟଗଡ଼ା ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଅମିତାଭ ସିଂଘଲଙ୍କ ସହିତ ରାୟଗଡା ଡିଭିଜନର ଏକ ବିସ୍ତୃତ ଯାଂଚ କରିଥିଲେ । ଏହି ନୀରିକ୍ଷଣ ସମୟରେ ରାୟଗଡ଼ାରେ ଚାଲିଥିବା ଭିତିଭୂମି ବିକାଶ ମୂଳକ କାର୍ଯ୍ୟ, ସୁରକ୍ଷା ପଦକ୍ଷେପ ଏବଂ ରେଳ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟକାରିତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ରାୟଗଡା-ସିଙ୍ଗାପୁର ରୋଡ-ଥେରୁଭାଲି ସେକ୍ସନକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ପରିଦର୍ଶନ ସମୟରେ, ଶ୍ରୀ ଫୁଙ୍କୱାଲ ସିଙ୍ଗାପୁର ରୋଡ୍-ଥେରୁଭାଲି ଷ୍ଟ୍ରେଚ୍, ଷ୍ଟେସନ ୟାର୍ଡ ଏବଂ ତୃତୀୟ ଲାଇନ କାର୍ଯ୍ୟ ଗୁଡିକର ଏକ ବିସ୍ତୃତ ଯାଂଚ କରିଥିଲେ । ସେ ଟ୍ରାକ୍ ସ୍ଥିତି, ସିଗନାଲିଂ ସିଷ୍ଟମ, ସେତୁ ଏବଂ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ପ୍ରମୁଖ ଭିତିଭୂମି ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଦିଗଗୁଡ଼ିକର ସମୀକ୍ଷା କରିଥିଲେ । ମହାପ୍ରବନ୍ଧକ ରାୟଗଡା ରେଳ ଷ୍ଟେସନକୁ ମଧ୍ୟ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଯାତ୍ରୀ ସୁବିଧା ଗୁଡିକର ମୂଲ୍ୟାଙ୍କନ କରିବା ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ଏଥିରେ ରେଳ କାର୍ଯ୍ୟାଳୟ ଭିତିଭୂମି, ଅସ୍ଥାୟୀ ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଏବଂ ନୂତନ ଭାବେ ନିର୍ମିତ ହେଉଥିବା ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଭବନର ନିର୍ମାଣ ଅନ୍ତର୍ଭୁକ୍ତ ଥିଲା । ରେଳ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଶ୍ରୀ ଫୁଙ୍କୱାଲ ସୁରକ୍ଷା ମାନଦଣ୍ଡକୁ କଡାକଡି ଭାବେ ପାଳନ କରିବା ସହିତ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଏହି ସେକ୍ସନରେ ଭିତିଭୂମି କାର୍ଯ୍ୟର ସାମଗ୍ରିକ ଅଗ୍ରଗତିର ମଧ୍ୟ ସମୀକ୍ଷା କରିଥିଲେ । ଏହି ନୀରିକ୍ଷଣ ସମୟରେ ଆର. ଭି. ଏନ୍. ଏଲ୍. ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଡିଭିଜନର ଅନ୍ୟ ବରିଷ୍ଠ ରେଳ ଅଧିକାରୀମାନେ ସାମିଲ ଥିଲେ ।

# ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାକ୍ରମଉପରେ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ

ନୂଆଦିଲ୍ଲୀ : ପଶ୍ଚିମ ଏସିଆର ଘଟଣାକ୍ରମ ବିଷୟରେ ସରକାରଗଣମାଧ୍ୟମକୁ ନିୟମିତ ଭାବରେ ସୂଚନା ଦେଉଛନ୍ତି । ଏହିକ୍ରମରେ ଆଜି ନୂଆଦିଲ୍ଲୀ ସ୍ଥିତନେସନାଲ ମିଡିଆ ସେଂଟରଠାରେ ଆଉ ଏକ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପେଟ୍ରୋଲିୟମ ଓ ପ୍ରାକୃତିକବାଷ୍ପ ମନ୍ତ୍ରଣାଳୟ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଇନ୍ଧନ ଯୋଗାଣ, ସାମୁଦ୍ରିକ କାର୍ଯ୍ୟକଳାପ ଏବଂ ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ଯୋଗାଇ ଦିଆଯାଉଥିବା ସହାୟତା ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ସଦ୍ୟତମ ସୂଚନା ପ୍ରଦାନ କରିଥିଲେ । ପେଟ୍ରୋଲିୟମ ଓ ପ୍ରାକୃତିକବାଷ୍ପ ମନ୍ତ୍ରଣାଳୟସାମ୍ବାଦିକ ସମ୍ମିଳନୀ ସମୟରେ ଇନ୍ଧନ ଯୋଗାଣ ପରିସ୍ଥିତି ଏବଂ ହରମୁଜ୍ ପ୍ରଣାଳୀ ବନ୍ଦ ହେବା ପରିପ୍ରେକ୍ଷୀରେ ପେଟ୍ରୋଲିୟମ ଉତ୍ପାଦ ଓ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ଏକ ସଦ୍ୟତମସୂଚନାପ୍ରଦାନକରିଥିଲେ । ସମସ୍ତ ବିଶୋଧନାଗାର ପର୍ଯ୍ୟାପ୍ତ ଅଶୋଧିତ ତୈଳ ଭଣ୍ଡାର ସହିତ ଉଚ୍ଚ କ୍ଷମତାରେ କାର୍ଯ୍ୟ କରୁଛନ୍ତି, ଏବଂ ପେଟ୍ରୋଲ ଓ ଡିଜେଲର ପର୍ଯ୍ୟାପ୍ତ ଷ୍ଟକ୍ ବଜାୟ ରଖାଯାଇଛି । ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ସୁରକ୍ଷିତ ଇନ୍ଧନଯୋଗାଣ ଜାରିରହିଛି, ଯେଉଁଥିରେ ଘରୋଇ ପିଏନଜିଏବଂ ସିଏନଜିପରିବହନ ପାଇଁ ୧୦୦% ଯୋଗାଣ ଅନ୍ତର୍ଭୁକ୍ତ । ଅନ୍ୟପଟେ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ଯୋଗାଣ ପ୍ରାୟ ୮୦% ରେ ନିୟନ୍ତ୍ରିତ ହେଉଛି । ହୋଟେଲ, ରେଷ୍ଟୋରାଁଏବଂ କ୍ୟାଂଟିନ୍ ଭଳି ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ପିଏନଜିସଂଯୋଗକୁ ପ୍ରାଥମିକତା ଦେବାକୁ ସିଟି ଗ୍ୟାସ ବିତରଣ (ସିଜିଡି) ସଂସ୍ଥାଗୁଡ଼ିକୁ ପରାମର୍ଶ ଦିଆଯାଇଛି ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଅନୁମୋଦିତ ସିଜିଡିସଂସ୍ଥାଗୁଡ଼ିକରୁ ସଂଯୋଗ ପାଇପାରିବେ । ଆଇଜିଏଲ, ଏମଜିଏଲ, ଗେଲ୍‌ଗ୍ୟାସ ଓ ବିପିସିଏଲ ସମେତ ସିଜିଡି କମ୍ପାନୀଗୁଡ଼ିକ ପିଏନଜିସଂଯୋଗ ପାଇଁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ଏବଂ ସଂଯୋଗ ସମୟସୀମା ହ୍ରାସ କରୁଛନ୍ତି । ଏହାସହିତ ବ୍ୟାପକ ସଚେତନତା ପଦକ୍ଷେପ ମଧ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରୁଛନ୍ତି । ପିଏନଜିଅଭିଯାନ ଅଧୀନରେ, ପିଏନଜିଆରବିସିଜିଡିସଂସ୍ଥାଗୁଡ଼ିକୁ ଜନସଚେତନତା ପଦକ୍ଷେପ ନେବାକୁ ପରାମର୍ଶ ଦେଇଛି । ଭାରତ ସରକାର୧୬ମାର୍ଚ୍ଚ୨୦୨୬ ତାରିଖରେ ଏକ ଚିଠି ମାଧ୍ୟମରେରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ବିଚାରାଧୀନ ଆବେଦନଗୁଡ଼ିକ ପାଇଁ ଅନୁମତି, ୨୪ ଘଂଟା ମଧ୍ୟରେ ନୂତନ ଅନୁମତି ମଞ୍ଜୁରୀ, ରାସ୍ତା ମରାମତି ଓ ଅନୁମତି ଶୁଳ୍କ ଛାଡ଼, କାର୍ଯ୍ୟ ସମୟ ଓ ଋତୁକାଳୀନସମୟରେ ଛାଡ଼ କରି, ସମନ୍ୱୟ ଓ ଦ୍ରୁତ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ନୋଡାଲ ଅଧିକାରୀମାନଙ୍କୁ ନିଯୁକ୍ତି କରି ସିଜିଡିସମ୍ପ୍ରସାରଣକୁ ସହଜ କରିବାକୁ ଅନୁରୋଧ କରିଛନ୍ତି । ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଓ ଏଲପିଜି ନିୟନ୍ତ୍ରଣ ନିର୍ଦ୍ଦେଶ ଅଧୀନରେ ଯୋଗାଣ ଉପରେ ତଦାରଖ କରୁଛନ୍ତି । ସମନ୍ୱିତ ଯାଂଚ ଏବଂ ଅଚାନକ ଚଢ଼ାଉ କରିବାକୁ ପରାମର୍ଶ ଦିଆଯାଇଛି ।

# ଆଇପିଏଲ୍ ସିଜନ ପାଇଁ ରାଜସ୍ଥାନ ରୟାଲ୍ସ ଜର୍ସି ଉନ୍ମୋଚିତ




ଜୟପୁର : ଆଗାମୀ ଆଇପିଏଲ୍ ସିଜନ ପାଇଁ ରାଜସ୍ଥାନ ରୟାଲ୍ସ ଅନ୍ତିମ ଦଳ ଭାବେ ଅଫିସିଆଲ ଜର୍ସି ଉନ୍ମୋଚନ କରିଛି । ଫ୍ରାଂଚାଇଜ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ନୂଆ ସିଜନର ନୂଆ ଜର୍ସି ଉପସ୍ଥାପନ କରାଯାଇଥିଲା । ରାଜସ୍ଥାନ ରୟାଲ୍ସ ପକ୍ଷରୁ ଅଫିସିଆଲ ସୋସିଆଲ ମିଡ଼ିଆ ପୃଷ୍ଠାରେ ଏହି ଜର୍ସିର ଫଟୋ ଅପଲୋର୍ଡ କରାଯାଇ ଲେଖାଯାଇଥିଲା, 'ନୂଆ ଜର୍ସି, ପୁରୁଣା ହଲ୍ଲା ବୋଲ୍' । ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଅଧିନାୟକ ରିୟାନ ପରାଗ, ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ, ଲେଗ ସ୍ପିନର ରବି ବିଷ୍ଣୋଇ ଯୋଗ ଦେଇଥିଲେ । ଗତ ନିଲାମରେ ରାଜସ୍ଥାନ ରୟାଲ୍ସ ବିଷ୍ଣୋଇଙ୍କୁ ୭.୨ କୋଟି ଟଙ୍କା ମୂଲ୍ୟରେ କିଣିଥିଲା । ସୂଚନାଯୋଗ୍ୟ, ରାଜସ୍ଥାନ ରୟାଲ୍ସ ଦଳ ଆସନ୍ତା ୨୬ ତାରିଖରେ ଗୌହାଟୀ ପହଂଚିବ । ସେଠାରେ ୩ ଦିନ ଅଭ୍ୟାସ କରିବା ପରେ ଦଳ ୩୦ ତାରିଖରେ ପ୍ରଥମ ମ୍ୟାଚ ଖେଳିବ ଓ ୫ଥର ଚାମ୍ପିଅନ୍ ଚେନ୍ନାଇ ସୁପରକିଙ୍ଗ୍ସକୁ ସାମ୍ନା କରିବ ।

# ୧୭ତମ ଏସିଆନ ଲନ୍‌ବଲ ଚାମ୍ପିଅନସିପ୍‌ରେ ଭାଗନେବେ ଓଡ଼ିଆ ଖେଳାଳୀ



ଭୁବନେଶ୍ୱର : ଆସନ୍ତା ଏପ୍ରିଲ ୫ତାରିଖରୁ ଦିଲ୍ଲୀଠାରେ ୧୭ତମ ଏସିଆନ ଲନବଲ୍ ଚାମ୍ପିଅନସିପ ହେବାକୁ ଯାଉଛି । ଏଥିରେ ଏସିଆର ପ୍ରାୟ ୧୩ଟି ଦେଶର କ୍ରୀଡ଼ାବିତ ଭାଗ ନେବାକୁ ଯାଉଛନ୍ତି । ତେବେ, ଭାରତୀୟ ଦଳରେ ବଲାଙ୍ଗିରର ରାଜେଶ୍ୱରୀ ସେଠ୍ ସ୍ଥାନ ପାଇଛନ୍ତି । ଲନବଲ କ୍ରୀଡ଼ାରେ ରାଜେଶ୍ୱରୀ ଓଡ଼ିଶାର ପ୍ରଥମ ଥର ମହିଳା ଭାବରେ ଜାତୀୟ ଦଳରେ ରହି ଏସିଆନ କ୍ରୀଡ଼ା ଖେଳିବାକୁ ସୁଯୋଗ ପାଇଛନ୍ତି । ଏସିଏନ ଚାମ୍ପିଅନସିପରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ଖେଳାଳିଙ୍କ ତାଲିକା ଚୂଡ଼ାନ୍ତ ହେବା ପରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି । ଅପରପକ୍ଷେ, ରାଜେଶ୍ୱରୀଙ୍କ ସଫଳତାକୁ ନେଇ ରାଜ୍ୟ ଲନବଲ ସଂଘ ଏବଂ ତାଙ୍କ ପରିବାରରେ ମଧ୍ୟ ଖୁସିର ମାହୋଲ ଦେଖାଦେଇଛି । ସୂଚନାଯୋଗ୍ୟ ଯେ, ସ୍ଥାନୀୟ ୧୭ତମ ଏସିଆନ ଲନ୍ବଲ ଚାମ୍ପିଅନସିପ୍ ପ୍ରତିଭା ଦେଖାଇବେ ରାଜେଶ୍ୱରୀ ରାଧାରାଣୀ ପଡ଼ା ବାସିନ୍ଦା ଯଦୁମଣି ସେଠ୍ ଏବଂ ମନୋରମା ସେଠ୍‌ଙ୍କ ଝିଅ ରାଜେଶ୍ୱରୀ ୨୦୨୩ରେ ଲନବଲ୍ କ୍ରୀଡ଼ାରେ ସାମିଲ ହେଲେ ।







Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**